Bhubaneswar- 11 August 2026
ଭୁବନେଶ୍ୱର- ୧୧ ଅଗଷ୍ଟ ୨୦୨୬
Vol- 1 Issue - 105
ଭାଗ- ୧ ସଂଖ୍ୟା- ୧୦୫
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

୧୬୭ତମ ନିଯୁକ୍ତି ମେଳା-୨୦୨୬

ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରନ୍ତୁ

- ୯ଟି ବିଭାଗରେ ନିଯୁକ୍ତି ପାଇଲେ ୧୩୨୬
- ଶିଳ୍ପାୟନ ଜରିଆରେ ଯୁବଶକ୍ତି ପାଇଁ ସୁଯୋଗ ସୃଷ୍ଟି କରାଯାଉଛି
- ଓଡିଶାରେ ଏବେ ରିଭର୍ସ-ମାଇଗ୍ରେସନ୍ ଆରମ୍ଭ ହେଲାଣି

ଭୁବନେଶ୍ୱର: ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପା ଯାଏ ନାହିଁ, ବରଂ ନାଗରିକଙ୍କ ଜୀବନରେ କି ପରିବର୍ତ୍ତନ ଆଣିପାରୁଛନ୍ତି, ତାହା ଦ୍ୱାରା ମପାଯାଏ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬୭ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମ ଠାରେ ଆୟୋଜିତ ଏହି ନିଯୁକ୍ତିମେଳା କାର୍ଯ୍ୟକ୍ରମରେ ଆଜି ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଜଣ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ, ଶକ୍ତି ବିଭାଗ ଓ OHPCରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଓ ୨୨୮ ଟ୍ରେନି, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରିକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରିକ୍ଷକଙ୍କୁ ନିଯୁକ୍ତି ମିଳିଛି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ଚାକିରିର ମୂଳ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ଆପଣମାନଙ୍କର ନୈତିକ କର୍ତ୍ତବ୍ୟ। କୌଣସି ଲୋକ ଯେତେବେଳେ କିଛି ସମସ୍ୟା ନେଇ ଆପଣଙ୍କ ପାଖକୁ ଆସିବେ, ସେତେବେଳେ ପ୍ରଶାସନର ଅଂଶ ଭାବେ ସମ୍ମାନ ଦେଇ ସେମାନଙ୍କ ସମସ୍ୟା ଶୁଣିବା ଏବଂ ତୁରନ୍ତ ପଦକ୍ଷେପ ନେବା ହିଁ ପ୍ରକୃତ ଜନସେବା। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ସରକାରୀ ସୁବିଧା ପହଞ୍ଚାଇବା। ଏହାକୁ ମନରେ ରଖି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ସେ ପୁଣି କହିଥିଲେ ୨୦୩୬ ସୁଦ୍ଧା ଆମର ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ଓଡିଶାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବାର ଲକ୍ଷ୍ୟ ରହିଛି । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱଚ୍ଛ ଓ ସୁଦୃଢ ପ୍ରଶାସନ ଏବଂ ଦକ୍ଷ, ଶୃଙ୍ଖଳିତ ଓ ସେବା ମନୋଭାବ ଅଧିକାରୀ ଓ କର୍ମଚାରୀଙ୍କ ଆବଶ୍ୟକତାକୁ

ଦୃଷ୍ଟିରେ ରଖି ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ନିଯୁକ୍ତି ଅଭିଯାନ ଆରମ୍ଭ ହୋଇଛି। ୨୦୨୪ ଜୁନ୍ ମାସରୁ ଆଜି ସୁଦ୍ଧା ସରକାରୀ ସ୍ତରରେ ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯୁବଶକ୍ତିର ସାମର୍ଥ୍ୟର ପ୍ରକୃତ ଉପଯୋଗ ପାଇଁ ଶିଳ୍ପାୟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଏଥିପାଇଁ ଦେଶ ଭିତରେ ଓ ଦେଶ ବାହାରକୁ ଯାଇ ଶିଳ୍ପପତି ମାନଙ୍କୁ ଭେଟି ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷିତ କରୁଛୁ। ଫଳସ୍ୱରୂପ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି ଏବଂ ଏଥିରୁ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୁଇ ଦିନ ତଳେ ନୂଆ ଦିଲ୍ଲୀ ଓ ନୋଇଡାରେ ଓଡିଶା ଫୁଡ୍ ପ୍ରୋସେସିଙ୍ଗ୍ ରୋଡ୍ ସୋ ରେ ଯୋଗଦେଇ ଶିଳ୍ପପତିମାନଙ୍କ ସହ ଓଡିଶାରେ ନିବେଶ ପାଇଁ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ସମୟରେ ୪୬ଟି ବୈଠକରେ ୨୦୮ ଜଣ ନିବେଶକଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ହୋଇଛି, ୩୮ଟି ଗଙ୍ଗୁଟ ସ୍ୱାକ୍ଷରିତ ହୋଇଛି। ଏଥିରେ ସମୁଦାୟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏବେ ଓଡିଶାରେ ରିଭର୍ସ ମାଇଗ୍ରେସନ୍ ଆରମ୍ଭ ହେଲାଣି ବୋଲି କହି ଆଗାମୀ ଦିନରେ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୮୦ତମ ସ୍ୱାଧୀନତା ଦିବସ

ଲାଲ୍‌କିଲ୍ଲାରୁ ଶୁଭିବ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ : ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚଳିତବର୍ଷ ଏକ ଐତିହାସିକ ଘଟଣା ଦେଖିବ ଦେଶ। ଅଗଷ୍ଟ ୧୫ରେ ଦିଲ୍ଲୀର ଲାଲକିଲ୍ଲାପ୍ରାଚୀରରୁ ପ୍ରଥମ ଥର ପାଇଁ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ବିବୃତିରେ ଏହି ସୂଚନା ଦିଆଯାଇଛି। ଚଳିତବର୍ଷର ଆୟୋଜନର ଆଉ ଏକ ବିଶେଷତ୍ୱ ହେଉଛି 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ରଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଏହା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବାରେ ବିଶେଷ ଭୂମିକା ନେଇଥିଲା। ଏହି କାରଣରୁ ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଦେଶବ୍ୟାପୀ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଚାଲିଛି। ଏହାର ତୃତୀୟ ପର୍ଯ୍ୟାୟ

ଅଗଷ୍ଟ ୭ରୁ ୧୫ ପର୍ଯ୍ୟନ୍ତ ଚାଲିଛି। ଏଥରର ସ୍ୱାଧୀନତା ଦିବସ ପାଳନର ମୁଖ୍ୟ ବିଷୟ ରହିବ 'ଯୁବଶକ୍ତି'। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବାର ଯାତ୍ରାରେ ଦେଶର ଯୁବପିଢ଼ିର ଅବଦାନ ଓ ଭୂମିକାକୁ ଏଥିରେ ପ୍ରମୁଖତା ଦିଆଯିବ। ଏହି ସମୟରେ 'ବନ୍ଦେ ମାତରମ୍'କୁ ନେଇ ଆଇନଗତ ପଦକ୍ଷେପ ମଧ୍ୟ ଚର୍ଚ୍ଚାରେ ରହିଛି। ସଂସଦ ନିକଟରେ 'ପ୍ରିଭେନ୍‌ସନ୍ ଅଫ୍ ଇନ୍‌ସଲ୍ଟସ୍ ଟୁ ନ୍ୟାସନାଲ୍ ଅନର (ଆମେଣ୍ଡମେଣ୍ଟ) ବିଲ୍, ୨୦୨୬' ପାରିତ କରିଛି। ଏହାଦ୍ୱାରା 'ବନ୍ଦେ ମାତରମ୍'କୁ ଅପମାନରୁ ଆଇନଗତ ସୁରକ୍ଷା ମିଳିବା ସହ ଜାତୀୟ ସଙ୍ଗୀତ ଭଳି ଏହାର ମର୍ଯ୍ୟାଦାକୁ ଆଇନର ଆଧାର ଦିଆଯାଇଛି। ତେବେ ଏହି ପଦକ୍ଷେପକୁ ନେଇ ଲୋକସଭାରେ ରାଜନୈତିକ ତର୍କ ମଧ୍ୟ ହୋଇଥିଲା। ଡିଏମ୍‌କେ ଏହାକୁ ବିରୋଧ କରିଥିବାବେଳେ ବିଜେପି ଏହାଦ୍ୱାରା ଜାତୀୟ ଗୀତ ପ୍ରତି ନାଗରିକଙ୍କ ସମ୍ମାନ ସୁନିଶ୍ଚିତ ହେବ ବୋଲି କହିଛି।

କୋର୍ଟରୁ କାମ ସାରି ଫେରୁଥିଲେ, ଓକିଲଙ୍କୁ ଭୁଜାଲିରେ ହାଣିଲେ ଦୁର୍ବୃତ୍ତ

ଜଳେଶ୍ୱର : ଜଳେଶ୍ୱରରେ ଜଣେ ଆଇନଜୀବୀଙ୍କ ଉପରେ ଭୁଜାଲିରେ ଆକ୍ରମଣ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କୋର୍ଟରୁ କାର୍ଯ୍ୟ ସାରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ଗୁରୁତର ଆହତ ଆଇନଜୀବୀଙ୍କୁ ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ କରିଛି ଜଳେଶ୍ୱର ପୋଲିସ। ଆଇନଜୀବୀ ଜଣକ ହେଲେ ସିଦ୍ଧାର୍ଥ ଦାସ । ଜଳେଶ୍ୱରର ବିଶିଷ୍ଟ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରୁ ନିଜ କାର୍ଯ୍ୟ ସାରି ଫେରୁଥିବା ବେଳେ ଜାତୀୟ ରାଜପଥ-୧୬ର ଶାନ୍ତିଆ ନିକଟରେ କିଛି ଦୁର୍ବୃତ୍ତ ତାଙ୍କ ଉପରେ ହଠାତ୍ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଡାହାଣ ପାର୍ଶ୍ୱ କାନ୍ଧ ଓ ଦୁଇ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତରମାନେ ଆହତ ଆଇନଜୀବୀଙ୍କ ଚିକିତ୍ସା କରୁଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ଘଟଣାର ଖବର ପାଇ ଜଳେଶ୍ୱର ପୋଲିସ ହସ୍ପିଟାଲରେ ପହଞ୍ଚି ଆହତଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

ଝାରସୁଗୁଡାରେ ଅଜବ ଘଟଣା
ନାଗସାପକୁ କାମୁଡ଼ି ମାରିଦେଲେ ଯୁବକ

ଝାରସୁଗୁଡା : ଗୁଣିଆର ଅନ୍ଧବିଶ୍ୱାସୀ କଥାରେ ପଡ଼ି ଜଣେ ଯୁବକ ନାଗସାପର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ମାରିଦେବା ଭଳି ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ଘଟଣାଟି ଘଟିଛି ଲାଇକେରା ଥାନା ପାକେଲପଡ଼ା ଓ କର୍ମାପଡ଼ା ଅଞ୍ଚଳରେ । ଯାହା ଏବେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, କର୍ମାପଡ଼ ଫଳରେ ସାପଟି ଫଣା ଟେକି ତାଙ୍କୁ କାମୁଡ଼ି ଦେଇଥିଲା। ତେବେ ପୂର୍ବରୁ ଜଣେ ଗୁଣିଆଙ୍କଠାରୁ ସାପ କାମୁଡ଼ିବା ପରେ ତାକୁ ସଙ୍ଗେ ସଙ୍ଗେ କାମୁଡ଼ି ଦେଲେ ବିଷ ଲାଗେନାହିଁ ବୋଲି ଶୁଣିଥିବା କଥାକୁ ବିଶ୍ୱାସ କରି ଧର୍ମସିଂ ଭୟଭୀତ ଅବସ୍ଥାରେ ସାପଟିକୁ ହାତରେ ଧରି ତା'ର ଫଣାକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଫଳରେ ସାପଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।ଏହାପରେ ଧର୍ମସିଂ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତାଙ୍କୁ ୨୪ ଘଣ୍ଟା ପାଇଁ ଡାକ୍ତରୀ ନିରୀକ୍ଷଣ ରେ ରଖିଛନ୍ତି। ଯୁବକ ଜଣଙ୍କ ବର୍ତ୍ତମାନ ସୁସ୍ଥଥିବା ଗୋବିନ୍ଦପୁର ମେଡିକାଲ ଅଫିସର ସୂଚନା ଦେଇଛନ୍ତି ଏବଂ କହିଛନ୍ତି ଯେ ସାପକୁ କାମୁଡ଼ିଲେ ବିଷ ନଷ୍ଟ ହୋଇଯାଏ ବୋଲି ପ୍ରଚଳିତ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଅନ୍ଧବିଶ୍ୱାସ। ବିଷଧର ସାପ କାମୁଡ଼ିଲେ ଗୁଣିଆ, ଝାଡ଼ଫୁଙ୍କା କିମ୍ବା ଘରୋଇ ଉପଚାର ଉପରେ ନିର୍ଭର ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯିବା ହିଁ ସବୁଠାରୁ ଜରୁରୀ।

ଲାଞ୍ଚ ମାମଲାରେ ୨ ବନ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ବଲାଙ୍ଗୀର : ଏକ ଲାଞ୍ଚ ନେବା ମାମଲାର ବିଚାର କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ବନ ଅଧିକାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେମାନେ ହେଲେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ଡିଭିଜନର ପୂର୍ବତନ ଡିଏଫ୍ଓ ପ୍ରଣବ କୁମାର ମହାନ୍ତି ଓ ଘାସିଆଁ ଦକ୍ଷିଣ ରେଞ୍ଜ ପୂର୍ବତନ ଡେପୁଟି ରେଞ୍ଜ୍ ଅଧିକାରୀ ଚିତ୍ତ ରଞ୍ଜନ ଦେହୁରୀ। ୨୦୨୦ରେ କେନ୍ଦୁ ପତ୍ର ଫଡି (ଗୋଦାମ)ଗୁଡ଼ିକର ମରାମତି କରିବା ନିମନ୍ତେ ପାଣ୍ଠି ପ୍ରଦାନ କରିବାକୁ ୧ଲକ୍ଷ ୬୬ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ଘଟଣାରେ ଭିଜିଲାନ୍ସ ହାତରେ ଉଭୟ ଧରାପଡିଥିଲେ।ଏହି ମାମଲାର ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ସମସ୍ତ ପକ୍ଷରୁ ଯୁକ୍ତି ଶୁଣିବା ପରେ କୋର୍ଟ ସେମାନଙ୍କୁ ୩ ବର୍ଷ କାରାଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନିଅନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର : ଓଡ଼ିଶାର ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଏତଦବ୍ୟତୀତ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ଅକ୍ଷୟ ଶକ୍ତିର ପ୍ରସାର, ସ୍ଥାୟୀ କୃଷି ଓ ରୋଜଗାର ସୃଷ୍ଟି ଦିଗରେ ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ସୋମବାର ଜଟଣୀସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା କନଫରେନ୍ସ ଅଫ ୟୁଥ ୪.୦ କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାର ଭବିଷ୍ୟତକୁ କେବଳ ଉତ୍ତରାଧିକାର ସୂତ୍ରରେ ନେବାକୁ ଯୁବପିଢ଼ି ଆବଶ୍ୟକ ନୁହେଁ ବରଂ ନିଜ ହାତରେ ଭବିଷ୍ୟତ ଗଢ଼ିବାକୁ ସକ୍ଷମ ଯୁବଶକ୍ତି ଆବଶ୍ୟକ।ଗତବର୍ଷ ସମାରୋହରେ ସେ ଯୁବପିଢ଼ିଙ୍କୁ ଜଳବାୟୁ ସହନଶୀଳତାର ନିର୍ମାତା ହେବାକୁ ଆହ୍ୱାନ ଜଣାଇ ଥିଲେ। ଏବେ ସେହି ଆହ୍ୱାନକୁ ଆହୁରି ଆଗକୁ ନେଇ ଯୁବପିଢ଼ିଙ୍କୁ କେବଳ ନୀତିର ନିଷ୍କ୍ରିୟ ଗ୍ରହୀତା ନୁହେଁ, ବରଂ ସମାଧାନର ସ୍ଥପତି ହେବାକୁ ପଡ଼ିବ। ଯୁବପିଢ଼ିଙ୍କ ଶକ୍ତି ଓ ସୃଜନଶୀଳତାକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିପାରିଲେ 'ବିକଶିତ ଭାରତ ଅ୨୦୪୭' ର ଲକ୍ଷ୍ୟ ବାସ୍ତବ ରୂପ ନେବ ବୋଲି ରାଜ୍ୟପାଳ କହିଥିଲେ।

ବଜ୍ରପାତରେ ୨ ଚାଷୀ ମୃତ

ବାରିପଦା : ବାରିପଦା ସଦର ଥାନା ଅଧୀନ ରାଜାବସା ପଞ୍ଚାୟତର କାଶିପାଳ ଗ୍ରାମରେ ବଜ୍ରପାତ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ଆଜି (ସୋମବାର) ଚାଷ କାମ ସାରି ଘରକୁ ଫେରୁଥିବା ସମୟରେ ବଜ୍ରାଘାତର ଶିକାର ହୋଇ କାଶିପାଳ ଗ୍ରାମର କାତୁଲ ହାଁସଦା (୪୮) ଓ ଫୁଲମଣି ହାଁସଦା (୪୦)ଙ୍କ ମୃତ୍ୟୁ ଘଟିଛି। ସ୍ୱର୍ଗତ ହରି ହାଁସଦାଙ୍କ ପୁଅ କାତୁଲ ହାଁସଦା ଓ ସ୍ୱର୍ଗତ ମଙ୍ଗଲ ହାଁସଦାଙ୍କ ପତ୍ନୀ ଫୁଲମଣି ହାଁସଦା ଗ୍ରାମ ନିକଟସ୍ଥ କ୍ଷେତରେ ଚାଷ କାମ କରୁଥିଲେ। ଆକାଶ ମେଘାଚ୍ଛନ୍ନ ହୋଇ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ଏହାପରେ ଦୁହେଁ ବିଲରୁ ଘରକୁ ଫେରୁଥିବା ବେଳେ ହଠାତ୍ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଦୁହେଁ ଅଚେତ ହୋଇ ପଡ଼ିଥିଲେ।ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରଙ୍ଗାମାଟିଆସ୍ଥିତ ପଣ୍ଡିତ ରଘୁନାଥ

ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ବାରିପଦା ସଦର ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ମୃତଦେହର ଶବବ୍ୟବଚ୍ଛେଦ କରାଯାଇଥିବା ନେଇ ଥାନା ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି।

ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି

ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ

- କୌଣସି ଚାଷୀ ନିଜର ଧାନ ବିକ୍ରି କରିବାରୁ ହେବେନି ବଞ୍ଚିତ
- ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଚାଲିଛି ପ୍ରସ୍ତୁତି

ଭୁବନେଶ୍ୱର : ଆଗାମୀ ଖରିଫଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ।

ବୈଠକର ମୁଖ୍ୟ ନିଷ୍ପତ୍ତି ଓ ଆଲୋଚନା ଅନୁଯାୟୀ ବର୍ତ୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ। ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ନାହିଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି। ଆଗ୍ରିଷ୍ଟାକ ଏକ ସମ୍ମିଳିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି। ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି। ରବି ଋତୁ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି। ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ

ରଖାଯାଇଛି। ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ। ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି। ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଭିଏଡବ୍ଲୁମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ। ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତ୍ୟେକ କୃଷକଙ୍କୁ ଟୋକନ ଯୋଗାଇ ଦିଆଯିବ : ଯୋଗାଣ ମନ୍ତ୍ରୀ

ଯୋଗାଣ ମନ୍ତ୍ରୀଙ୍କ ସହ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବଲାଙ୍ଗୀର, ବରଗଡ଼ ଓ ସମ୍ବଲପୁର ବିଧାୟକମାନେ ଯୋଗ ଦେଇଥିଲେ। ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି ପ୍ରକ୍ରିୟାକୁ ନେଇ ବିଧାୟକମାନେ ନିଜର ଉଦବେଗ ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ ଆଶ୍ୱାସନା ଦେଇ କହିଛନ୍ତି, ରାଜ୍ୟର ସମସ୍ତ କୃଷକଙ୍କ ରେଜିଷ୍ଟ୍ରେସନ୍ କରାଯିବ। ପ୍ରତ୍ୟେକ କୃଷକଙ୍କୁ ଟୋକନ ଯୋଗାଇ ଦିଆଯିବ ଏବଂ କାହାର ବି ଟୋକନ ବ୍ରେକ ହେବ ନାହିଁ। ସରକାର ସମସ୍ତ କୃଷକଙ୍କ ଠାରୁ ଧାନ କ୍ରୟ କରିବେ। କୃଷକମାନଙ୍କୁ ହଇରାଣ କରିବା ଆମ ସରକାରଙ୍କ ମନ୍ତ୍ର ନୁହେଁ। ଜମି ମାଲିକ ଏବଂ ଭାଗ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ମାଧ୍ୟମରେ ସେମାନେ ଫେସ୍ ଅଥେଣ୍ଟିକେସନ୍ ମାଧ୍ୟମରେ ନିଜର ରେଜିଷ୍ଟ୍ରେସନ୍ କରିପାରିବେ। ରେଜିଷ୍ଟ୍ରେସନ୍ ପାଇଁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ସମୟ ରହିଛି। ଆବଶ୍ୟକତା ଅନୁଯାୟୀ ଏହି ସମୟସୀମା ଆହୁରି ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ପାଦକୀୟ

ଆଇଆର୍‌ଜିସି-ସୁରକ୍ଷା କବଚ

ଇରାନ୍ ଏବଂ ଆଇଆର୍‌ଜିସି ମଧ୍ୟରେ କିଛି ବି ଫରକ୍ ନାହିଁ। ଫରକ୍ ନାହିଁ ଏଥିପାଇଁ କୁହାଯାଉଛି ଯେ ଇରାନକୁ ସମ୍ପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରୁଥିବା ଇରାନ୍ ଜେନେରାଲ୍ ଆର୍ମି ବ୍ୟତିରେକ ଇରାନରେ ଆଉ ଗୋଟିଏ ସ୍ୱତନ୍ତ୍ର ଆର୍ମି ଗ୍ରୁପ୍ ରହିଛି ଆଇ ଆର୍ ଜି ସି ଯାହାକୁ ଇରାନ୍ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଦାୟିତ୍ୱ। ଇରାନ୍ ର ସାଧାରଣ ସୁରକ୍ଷା ବାହିନୀ ବ୍ୟତୀତ ଦେଶର ସୁରକ୍ଷାରେ ଆଇ ଆର୍ ଜିସିର ମଧ୍ୟ ଗୋଟାଏ ବଡ଼ ଭୂମିକା ରହିଛି। ଆଇଆର୍‌ଜିସିର ମଧ୍ୟ ଅତି ସ୍ୱତନ୍ତ୍ର ଭୂମିକା ରହିଛି। ସେଥିପାଇଁ ତ ଇରାନ୍‌ର ତତ୍କାଳୀନ ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଦେଶର ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଆଇ ଆର୍ ଜି ସି କୁ ଦେଇଥିଲେ ସ୍ୱତନ୍ତ୍ର ଦାୟିତ୍ୱ । ୧୯୭୯ ଏପ୍ରିଲ୍ ମାସରେ ଇରାନ୍ ର ତତ୍କାଳୀନ ସର୍ବୋଚ୍ଚ ଶାସକ ଆୟାତୋଲ୍ଲା ରୁହୋଲ୍ଲା ଖାମେନେଇଙ୍କ ଦ୍ୱାରା ସେତେବେଳେ ଯେବେ ଏହି ସଙ୍ଗଠନର ପ୍ରତିଷ୍ଠା ହୋଇଥିଲା, ସଙ୍ଗଠନ ଗଠନ ପଛରେ କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥିଲା। ଇରାନକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଯେତିକି ଇରାନ୍‌ର ସାଧାରଣ ପ୍ରଶାସନର ଦାୟିତ୍ୱ ରହିଥିଲା, ସମାନ ଭାବରେ ସେତିକି ଦାୟିତ୍ୱ ଇରାନ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ-ଆଇଆର୍‌ଜିସିର ମଧ୍ୟ ରହିଛି। ଆଇ ଆର୍‌ଜିସି ଇରାନ୍ ଉପରେ ଦେଶର ସୁରକ୍ଷାର ଅତି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତିରକ୍ଷାର ସବୁ ବିଭାଗରେ ଆଇ ଆର୍ ଜି ସି ଅତି ସକ୍ରିୟ ଭୂମିକା ଗ୍ରହଣ କରିଛି। ତା'ସହିତ ଦେଶର ସାଧାରଣ ସୁରକ୍ଷାବାହିନୀକୁ ସବୁଦୃଷ୍ଟିରୁ ଅତି ଶୃଙ୍ଖଳିତ ଏବଂ ସଶକ୍ତ କରିବାରେ ମଧ୍ୟ ଆଇ ଆର୍ ଜି ସି ତୁଲାଉଛି ଅତି ଗୁରୁଦାୟିତ୍ୱ। ମୋଟାମୋଟି ଭାବେ କହିବାକୁ ଗଲେ ଇରାନ୍ ପାଇଁ ଏକପ୍ରକାର ସୁରକ୍ଷା କବଚ ସାଜିଛି ଆଇ ଆର୍ ଜି ସି ଯେ କି ଦେଶର ଉଭୟ ବାହ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଦିଗରେ ନିଜକୁ ନିୟୋଜିତ କରିଛି ଯାହା ପଛରେ ରହିଛି ଇରାନ୍ ସରକାର। ଏହା ତ ଅତି ସାଧାରଣ କଥା। ସବୁ ଦେଶର ଡିଫେନ୍ସ ଗ୍ରୁପ୍ ପଛରେ ମୂଳତଃ ସରକାର। ଆଗରେ ବି ସରକାର ଏବଂ ପଛରେ ବି ସରକାର। ସବୁଆଡ଼େ ତ ସରକାର। ତେଣୁ ସରକାର ତ ପାଓ୍ୱାରଫୁଲ୍ । ସବୁଜାଗାରେ ଅବା ସବୁ ଦେଶରେ କି ସେହି ବ୍ୟବସ୍ଥା। ବିଶେଷ କରି ଗଣତନ୍ତ୍ରରେ କେବଳ ସରକାର ହିଁ କ୍ଷମତାଶାଳୀ । ତେଲେ ବିଶ୍ୱର କେତେକ କଟ୍ଟର ଇସଲାମିକ୍ ଦେଶରେ କେବେ କେବେ ସେନା ବି ତା'ର କାରନାମା ଦେଖାଇବାକୁ ପଛାଏ ନାହିଁ। ଆବଶ୍ୟକସ୍ଥଳେ ସେହି ଦେଶର କଟ୍ଟର ସେନାବାହିନୀ ଦେଶର ଶାସନ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରିଛି ଏବଂ ସଫଳ ହୋଇଛି । ଏଇ ଯେମିତି ଆମେ ଅତୀତରେ କହିବା ପାକିସ୍ତାନ୍ କଥା ଯେବେ କି ପରଭେଜ୍ ମୁସରଫ... ସେ ବି କେବେ ପାକିସ୍ତାନ୍ ଶାସନଭାର ଦାୟିତ୍ୱ କିଛି ସମୟ ପାଇଁ ନିଜ ଆୟତ୍ତ ଭିତରକୁ ନେଇ ଯାଇଥିଲେ। ମୂଳ ସରକାର ବେକାର, ମୂଳ ସରକାର ଲାଚାର ମାନେ ପୁରା ଲାଚାର ଖାଲି ନାମକୁ ମାତ୍ର ମୂଳ ସରକାର। କେବେ କେବେ ଇସଲାମିକ୍ କଟ୍ଟର ସରକାରରେ ଏମିତି ବି ହୁଏ। ଏଇ ଯେମିତି ଏବେ ହେବାକୁ ଯାଉଛି ଇରାନରେ .. ଆଇ ଆର ଜି ସି କ୍ଷେତ୍ରରେ । ଏବେ ଇରାନରେ ସର୍ବୋଚ୍ଚ ଶାସକ ଦେଶର ସେନାବାହିନୀକୁ ଦେବାକୁ ଯାଉଛନ୍ତି ଅଖଣ୍ଡ କ୍ଷମତା ଯାହା ବଳରେ ଇରାନ୍ ସେନା ବହିନୀ ମୁକାବିଲା କରିବ ଆମେରିକାର । ଇରାନ୍‌ର ଆଇଆର୍ ଜି ସି ଏବେ ସେହି ଅଖଣ୍ଡ କ୍ଷମତା ବଳରେ ମୁକାବିଲା କରିବ ଆମେରିକାର ଆଡ଼୍‌ବାୟା ସୁଲତାନ୍ ମିଷ୍ଟର ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ।

ଛାତ୍ରଙ୍କ କୃତିତ୍ୱ

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୁରାପୁରି ଖରାପ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରି ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୁରାପୁରି ଖରାପ୍ ହୋଇଯାଇଥିଲା। ପୁରାପୁରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୁରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜିଦ୍ ଲାଗିରହିଥାଏ। କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେପର୍ଯ୍ୟନ୍ତ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପରିଭିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପରିଭିଆ କାମକୁ ପୁରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୁରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲେ। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

ଭୁଲ୍‌ର ପରିମାର୍ଜିତ ଓ ଜୀବନରେ ସଫଳତା

-ଡ. ଅମୂଲ୍ୟ କୁମାର ପଣ୍ଡା

ଜୀବନରେ ଭୁଲ ଭୟକୁ ପରିତ୍ୟାଗ କରିବା ଉଚିତ୍ ଏବଂ ଚେଷ୍ଟା ଜାରି ରଖିବା ମଧ୍ୟ ଉଚିତ୍, ତେବେ ଜୀବନରେ ସମସ୍ତ କ୍ଷେତ୍ରରେ ସଫଳତା ମିଳିଥାଏ । ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଭୁଲଗୁଡ଼ିକ ଶିଖିବାର ଏକ ମାଧ୍ୟମ, ବନ୍ଦ କରିବାର କାରଣ ନୁହେଁ। ଭୁଲ୍ ଭୟରେ ନୂତନ ଜିନିଷ ଚେଷ୍ଟା ନ କରିବା ଜୀବନକୁ ସ୍ଥିର କରିଦିଏ, ଯେତେବେଳେ ନିରନ୍ତର ପ୍ରୟାସ ପ୍ରଗତି ପାଇଁ ମୂଳଦୁଆ। ଭଗବଦ୍ ଗୀତାର କର୍ମଯୋଗରେ, ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ କର୍ମର ଫଳାଫଳ ବିଷୟରେ ଚିନ୍ତା କରିବାକୁ କହିଛନ୍ତି, କାରଣ କର୍ମ ହେଉଛି ବନ୍ଧନ, ଫଳାଫଳ ପ୍ରତି ଆଗ୍ରହ ନୁହେଁ। ଭାଗବତରେ କୁହାଯାଇଛି: 'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ। ମା କର୍ମଫଳହେତୁର୍ଭୂର୍ମା ତେ ସଂଗୋଷ୍ଠକର୍ମଣି।' ଅର୍ଥାତ୍, ଆପଣଙ୍କର ଅଧିକାର କେବଳ କାର୍ଯ୍ୟ କରିବାର, ଏହାର ଫଳାଫଳ ଉପରେ କେବେବି ନୁହେଁ। ଏହା ଭୟ କିମ୍ବା ଫଳାଫଳର ଭୟକୁ ଦୂର କରେ। ଏହି ଶ୍ଳୋକ ଆମକୁ ଚେଷ୍ଟା ଜାରି ରଖିବାକୁ, ଭୁଲରୁ ଶିଖିବାକୁ, କିନ୍ତୁ କେବେବି ବନ୍ଦ କରିବାକୁ ପ୍ରେରଣା ଦିଏ। ଯଦି ଜୀବନରେ କୌଣସି ଭୁଲ ହୋଇନାହିଁ, ତେବେ କୌଣସି ପ୍ରୟାସ ହୋଇନାହିଁ। ସନାତନ ଦର୍ଶନରେ, କାର୍ଯ୍ୟରେ ନିରନ୍ତରତା ହେଉଛି ମୋକ୍ଷର ଦ୍ୱାର ଖୋଲିଥାଏ। ଭୟ ହେଉଛି ମନର ଏକ ଭ୍ରମ ଯାହା ପ୍ରୟାସକୁ ବନ୍ଦ କରିଦିଏ। ଗୀତାରେ କୃଷ୍ଣ କହିଛନ୍ତି: 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ। କ୍ଷୁଦ୍ରମ୍ ହୃଦୟଦୌର୍ବଲ୍ୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।' ଅର୍ଥାତ୍, ହେ ପାର୍ଥ ! ଏହି କାପୁରୁଷତା ତୁମକୁ ଶୋଭା ଦିଏ ନାହିଁ, ହୃଦୟର ଏହି କ୍ଷୁଦ୍ର ଦୁର୍ବଳତାକୁ ପରିତ୍ୟାଗ କର ଏବଂ ଉଠ। ଏହି ଭୟ ଭୁଲ ଭୟରୁ ଜନ୍ମ ନେଇଥାଏ, କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମା ଅମର, ଭୁଲ କ୍ଷଣିକ। ରାମାୟଣରେ, ବିଭୀଷଣ ରାବଣଙ୍କୁ ଛାଡି ସତ୍ୟର ପଥ ବାଛିଥିଲେ, ଯଦିଓ ସେ ଭୁଲ କରିବାକୁ ଭୟ କରୁଥିଲେ, କିନ୍ତୁ ତାଙ୍କ ପ୍ରୟାସରେ ସେ ବିଜୟୀ ହୋଇଥିଲେ। ମହାଭାରତରେ, ଅର୍ଜୁନଙ୍କ ଭୁଲ ଯାହାକୁ ଯୁଦ୍ଧର ଭୟ କୁହଯାଏ କୃଷ୍ଣଙ୍କ ଦ୍ୱାରା ସଂଶୋଧନ କରାଯାଇଥିଲା। ଭୁଲ କରିବା ସ୍ୱାଭାବିକ, ତାହାକୁ ପୁନରାବୃତ୍ତି କରିବା ନୁହେଁ। ଗୀତାରେ କୁହାଯାଇଛି ଯେ ଜ୍ଞାନୀମାନେ ଅଜ୍ଞାନୀମାନଙ୍କୁ କାମ କରିବାରୁ ନିବୃତ୍ତ କରିବା ଉଚିତ୍ ନୁହେଁ, ବରଂ ନିଜେ ନିଃସ୍ୱାର୍ଥପର କାମ କରି ସେମାନଙ୍କୁ ପ୍ରେରଣା ଦେବା ଉଚିତ୍। 'ନ ବୁଦ୍ଧିଭେଦମ୍ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍। ଜୋଷୟେତ୍‌ସର୍ବକର୍ମାଣି ବିଦ୍ୱାନ ଯୁକ୍ତଃ ସମାଚରନ୍।' ମହାଭାରତରୁ କର୍ଣ୍ଣଙ୍କ ଭୁଲରୁ ବହୁତ ଶିକ୍ଷା ମିଳିଥାଏ। ଭୁଲ ସଙ୍ଗ ପୁନରାବୃତ୍ତି କରିବା ଉଚିତ୍ ନୁହେଁ। କବୀରଦାସ ଜୀ କୁହନ୍ତି, ନିଜ ଭୁଲରୁ ଶିଖନ୍ତୁ, ଅନ୍ୟମାନଙ୍କ ଦୋଷ ଦେଖନ୍ତୁ ନାହିଁ। ଭୁଲ ହେଉଛି ଶିକ୍ଷକ ଯେଉଁମାନେ ଭବିଷ୍ୟତକୁ ରକ୍ଷା କରନ୍ତି।

ସନାତନ ଗ୍ରନ୍ଥଗୁଡ଼ିକ ପ୍ରୟାସକୁ ପ୍ରାୟଶ୍ଚିତ୍ତ ବୋଲି ବିବେଚନା କରନ୍ତି। ଗୀତାରେ କୁହାଯାଇଛି 'ସର୍ବଧର୍ମାନ୍‌ପରିତ୍ୟଜ୍ୟ ମାମେକମ୍ ଶରଣମ୍ ବ୍ରଜ। ଅହମ୍ ତ୍ୱାମ୍ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ।' ଭୁଲର ପାପରୁ ଭୟ କର ନାହିଁ, ଈଶ୍ୱରଙ୍କ ଶରଣ ନିଅ। ନିରନ୍ତର ଅଭ୍ୟାସ ଦ୍ୱାରା ଭୁଲଗୁଡ଼ିକ ଶୁଦ୍ଧ ହୁଏ। ଉପନିଷଦରେ କୁହାଯାଇଛି ଯେ ନିରନ୍ତର ପ୍ରୟାସ ଦ୍ୱାରା ଆତ୍ମବିକାଶ ହୁଏ, ଧୈର୍ଯ୍ୟ ରଖନ୍ତୁ। ଜୀବନ ନଦୀ ପରି ପ୍ରବାହିତ ହେବା ଉଚିତ, ଭୁଲଗୁଡ଼ିକ କେବଳ ତରଙ୍ଗ। ଭୁଲ୍ ଗୁଡ଼ିକ ଆମକୁ ଉଦ୍ଭାତ କରିବା ପାଇଁ ନୁହେଁ, ବରଂ ଆମକୁ ଶିକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଶ୍ରୀକୃଷ୍ଣଙ୍କ ପରି ନିର୍ଭୀକ ଭାବରେ କାର୍ଯ୍ୟ କରିବା ଉଚିତ୍ । ରାମଙ୍କ ଚରିତ୍ର ଗ୍ରହଣ କରିବା ଉଚିତ । ଆମେ ମାନେ , ପ୍ରତିଜ୍ଞା ନେବା ଉଚିତ୍ ଯେ ଆମ୍ଭମାନଙ୍କ ପ୍ରୟାସ ସଦାସର୍ବଦା ଜାରି ରଖିବା ଏବଂ ସମସ୍ତଙ୍କ ଠାରୁ କିଛି ଶିଖିବା ଯାହା ଆମ ଜୀବନ ପଥରେ ସଫଳତାର ଅନନ୍ତ ପଥ ଦେଖାଇବ ।

ଅରଣୀବାଦ ବରୀ ଯାଜପୁର
ମୋବାଇଲ -
୯୯୩୮୯୦୬୦୭୦

ଜୀବନ, ଜୀବିକା ଓ ଭାରତୀୟ ରାଜନୀତି



ବିଷ୍ଣୁ ପ୍ରସାଦ ଦାସ

ମଣିଷ ଜନ୍ମ ନିଏ ବଞ୍ଚିବା ପାଇଁ, ଏବଂ ବଞ୍ଚିବାକୁ ହେଲେ ଜୀବିକାର ଆବଶ୍ୟକତା ଅନିବାର୍ଯ୍ୟ। ତେଣୁ ଜୀବନ ଓ ଜୀବିକା ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ । କିନ୍ତୁ ଏହି ଦୁଇଟିକୁ ସୁରକ୍ଷିତ, ସୁଦୃଢ଼ ଓ ସମୃଦ୍ଧ କରିବାରେ ଯେଉଁ ଶକ୍ତି ସବୁଠାରୁ ଅଧିକ ପ୍ରଭାବ ପକାଏ, ତାହା ହେଉଛି ରାଜନୀତି। ରାଜନୀତି କେବଳ ନିର୍ବାଚନ, ଦଳ ବା ସରକାର ଗଠନରେ ସୀମିତ ନୁହେଁ; ବରଂ ଏହା ଏକ ରାଷ୍ଟ୍ରର ନୀତି, ଅର୍ଥନୀତି, ସାମାଜିକ ନ୍ୟାୟ ଏବଂ ବିକାଶର ଦିଗ ନିର୍ଦ୍ଧାରଣ କରେ । ତେଣୁ ଭାରତୀୟ ରାଜନୀତି ଏବଂ ସାଧାରଣ ଲୋକଙ୍କ ଜୀବନ-ଜୀବିକା ମଧ୍ୟରେ ଅତ୍ୟନ୍ତ ଘନିଷ୍ଠ ସମ୍ପର୍କ ରହିଛି।

ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ଲୋକମାନେ ନିଜର ପ୍ରତିନିଧିଙ୍କୁ ନିର୍ବାଚିତ କରି ସରକାର ଗଠନ କରନ୍ତି । ସେହି ସରକାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର, ବାଣିଜ୍ୟ ତଥା କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ଦେଶର ବିକାଶର ଦିଗ ନିର୍ଦ୍ଧାରଣ କରେ। ସରକାରଙ୍କ ପ୍ରତ୍ୟେକ ନୀତିର ପ୍ରଭାବ କୌଣସି ନା କୌଣସି ରୂପରେ ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଉପରେ ପଡ଼ିଥାଏ । କୃଷକଙ୍କ ଫସଲର ଦର, ଶ୍ରମିକଙ୍କ ମଜୁରି, ଯୁବକଙ୍କ ଚାକିରି, ବ୍ୟବସାୟୀଙ୍କ ବ୍ୟବସାୟ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ବୃଦ୍ଧଙ୍କ ସାମାଜିକ ସୁରକ୍ଷା, ସବୁକିଛି କୌଣସି ନା କୌଣସି ରାଜନୈତିକ ନିଷ୍ପତ୍ତି ସହ ଜଡ଼ିତ । ସ୍ୱାଧୀନତା ପରେ ଭାରତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରତା, ସୂଚନା ପ୍ରଯୁକ୍ତିର ବିକାଶ, ମହାକାଶ ଗବେଷଣା, ଡିଜିଟାଲ ସେବା, ସଡ଼କ ଓ ରେଳ ଭିତ୍ତିଭୂମିର ବିସ୍ତାର, ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଉନ୍ନତି, ଏସବୁ ରାଜନୈତିକ ଦୀର୍ଘମିଆଦି ପରିକଳ୍ପନାର ଫଳ । ତଥାପି ଦେଶରେ ବେକାରି, ମୂଲ୍ୟବୃଦ୍ଧି, ଦାରିଦ୍ର୍ୟ, କୃଷକଙ୍କ ଦୁର୍ଦ୍ଦଶା, ଆୟ ବୈଷମ୍ୟ ଦୁର୍ନୀତି ପରି ସମସ୍ୟା ଆଜି ମଧ୍ୟ ଆମପାଇଁ କିଛି ମାତ୍ରାରେ ଆହ୍ୱାନ ହୋଇ ରହିଛି । ଏହି ସମସ୍ୟାଗୁଡ଼ିକ ସାଧାରଣ ଲୋକଙ୍କ ଜୀବନ ଜୀବିକାକୁ ସିଧାସଳଖ ପ୍ରଭାବିତ କରୁଛି ।

ଆଜିର ରାଜନୀତିରେ ବିକାଶ ତୁଳନାରେ ଅନେକ ସମୟରେ ଜାତି, ଧର୍ମ, ଭାଷା, ଆଞ୍ଚଳିକତାର ପ୍ରସଙ୍ଗ ଅଧିକ ପ୍ରାଧାନ୍ୟ ପାଉଛି । ନିର୍ବାଚନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଏ, କିନ୍ତୁ ସେଥିରୁ ଅନେକ ପ୍ରତିଶ୍ରୁତି ବାସ୍ତବ ରୂପ ନେଇ ପାରେ ନାହିଁ । ଫଳରେ ଜନସାଧାରଣଙ୍କ ମନରେ ଅସନ୍ତୋଷ ଏବଂ ଅବିଶ୍ୱାସ ସୃଷ୍ଟି ହୁଏ। ଯଦି ରାଜନୀତିର ଲକ୍ଷ୍ୟ କେବଳ କ୍ଷମତା ହାସଲ ହେବ, ତେବେ ଜନ କଲ୍ୟାଣ ପଛକୁ ଚାଲିଯିବ। କିନ୍ତୁ ଯଦି ରାଜନୀତି ସେବା, ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱର ଆଧାରରେ ପରିଚାଳିତ ହୁଏ, ତେବେ ଦେଶର ସାମଗ୍ରିକ ବିକାଶ ସମ୍ଭବ। ଭାରତର ଅଧିକାଂଶ ଲୋକ ଆଜି ମଧ୍ୟ କୃଷି ଓ ଅଣସଂଗଠିତ କ୍ଷେତ୍ର ଉପରେ ନିର୍ଭରଶୀଳ। ସେମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ପାଇଁ ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ଶିଳ୍ପାୟନ, କ୍ଷୁଦ୍ର ଉଦ୍ୟୋଗର ପ୍ରୋତ୍ସାହନ, ରୋଜଗାର ସୃଷ୍ଟି ଅତ୍ୟାବଶ୍ୟକ। ରାଜନୀତିର ପ୍ରକୃତ ସଫଳତା ସେତେବେଳେ ସାବ୍ୟସ୍ତ ହେବ, ଯେତେବେଳେ ପ୍ରତ୍ୟେକ ଯୁବକ ମର୍ଯ୍ୟାଦାପୂର୍ଣ୍ଣ ରୋଜଗାର ପାଇବେ, କୃଷକ ତା'ଙ୍କ ପରିଶ୍ରମର ଯଥାର୍ଥ ମୂଲ୍ୟ ପାଇବେ, ଶ୍ରମିକ ନ୍ୟାୟସଙ୍ଗତ ମଜୁରି ପାଇବେ ଏବଂ କୌଣସି ପରିବାର ଭୋକ, ଦାରିଦ୍ର୍ୟ କିମ୍ବା ବେକାରି ପାଇଁ ଅସହାୟ ହୋଇ ରହିବେ ନାହିଁ ।

ଗଣତନ୍ତ୍ରରେ କେବଳ ରାଜନେତାଙ୍କ ଦାୟିତ୍ୱ ନୁହେଁ, ନାଗରିକଙ୍କ ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ମତାଧିକାରର ସଠିକ୍ ପ୍ରୟୋଗ, ସାମାଜିକ ସଚେତନତା, ଆଇନ ପ୍ରତି ସମ୍ମାନ, ଦୁର୍ନୀତି ବିରୋଧରେ ସଚେତନ ମନୋଭାବ ହିଁ ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର । ଯେତେବେଳେ ଭୋଟ ଜାତି, ଧର୍ମ କିମ୍ବା ଲୋଭର ଆଧାରରେ ନୁହେଁ, ବରଂ ନୀତି, ସଚ୍ଚୋଟତା, ବିକାଶର ଆଧାରରେ ଦିଆଯିବ, ସେତେବେଳେ ରାଜନୀତିର ଗୁଣାତ୍ମକ ପରିବର୍ତ୍ତନ ସମ୍ଭବ ହେବ । ସୁଶାସନ, ସ୍ୱଚ୍ଛ ପ୍ରଶାସନ, ଜନକେନ୍ଦ୍ରିକ ନୀତି, ସଚେତନ ନାଗରିକତା ହିଁ ଏକ ସମୃଦ୍ଧ ଭାରତର ଭିତ୍ତିଭୂମି ଭାରତୀୟ ଗଣତନ୍ତ୍ରର ପ୍ରକୃତ ସଫଳତା ।

ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯

ମହେଶ୍ୱରଙ୍କ ମହିମା ଓ ପବିତ୍ର ଶ୍ରାବଣ ମାସ

ଅଧ୍ୟାପକ ହେମନ୍ତ କୁମାର

ଆମ ହିନ୍ଦୁ ଧର୍ମର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ଏହି ତ୍ରିଦେବଙ୍କ ମଧ୍ୟରୁ ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା ଓ ବିଷ୍ଣୁଙ୍କୁ ପାଳନ କର୍ତ୍ତା (ସ୍ଥିତି) ରୂପେ ପୁରାଣାଦିରେ ବର୍ଣ୍ଣନା କରାଯାଇଥିବା ବେଳେ ମହେଶ୍ୱରଙ୍କୁ ସଂହାର କର୍ତ୍ତାର ଅଧିକାରୀ ବୋଲି କୁହାଯାଇଛି। ଏ ସଂହାର ପଦଟି ସମ୍ ଉପସର୍ଗ ଓ ହାର ମୂଳ ଶବ୍ଦକୁ ନେଇ ଗଠିତ। ଯାହାର ଅର୍ଥ ଠିକ୍ ଭାବରେ, ପୂର୍ଣ୍ଣ ଭାବରେ ବା ଏକତ୍ର ଭାବରେ ହରଣ କିମ୍ବା ନଷ୍ଟ କରିବା । ଏହି କାର୍ଯ୍ୟକୁ ଯିଏ ସୁଚାରୁ ରୂପେ ସମ୍ପାଦନ କରନ୍ତି ଏବଂ ଯିଏ ମହାନ ତଥା ଈଶ୍ୱର ଅଟନ୍ତି ସେ ହେଉଛନ୍ତି ମହେଶ୍ୱର। ତେଣୁ ଏହି ଦେବଙ୍କୁ ଶାସ୍ତ୍ରରେ 'ମହାଈଶ୍ୱର' କର୍ଣ୍ଣୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ବା ସମର୍ଥ' କୁହାଯାଇଛି। ଏହା ସହ ସେ ଅକାଳମୃତ୍ୟୁର ହରଣର କର୍ତ୍ତା ଯୋଗୁଁ ମୃତ୍ୟୁଞ୍ଜୟ, ସଦା ସର୍ବଦା ଧ୍ୟାନସ୍ଥ ହେତୁ ମହାଯୋଗୀ, ସଦାଶମ୍ଭୁ କୁହାଯାଏ । କେବଳ ସେ ମହାଯୋଗୀ ନୁହଁନ୍ତି ଅପିତୁ ସେ ହେଉଛନ୍ତି ସକଳ ଶାସ୍ତ୍ରର ବେତ୍ତା ଏବଂ ଜ୍ଞାନ ପ୍ରଦାୟକ। ତେଣୁ ଏହି ଈଶଙ୍କୁ ଆଦିଗୁରୁ ବୋଲି ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେହିପରି ସେ ଦେବ ଦେବ ମହାଦେବ ଓ କାଳଙ୍କର କାଳ ଯୋଗୁଁ ତାଙ୍କୁ ମହାକାଳ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ତୁରିତ ବର ପ୍ରଦାନ କରିଥାନ୍ତି । ଏଣୁ ସେ ଆଶୁତୋଷ ଏବଂ ପ୍ରଥମ ଦେବତା ହେତୁ ଆଦିଦେବ କୁହାଯାଏ। ଏହି ଭଗବାନ ଦେବ, ଦାନବ, ମାନବ, ଭୂତ, ପ୍ରେତ ଓ ପିଶାଚ ଆଦିଙ୍କର କେବଳ ନାଥ ନୁହଁନ୍ତି ; ସେ ହେଉଛନ୍ତି ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ନାଥ। ଅତଃ ଏହାଙ୍କୁ ପଶୁପତିନାଥ ବୋଲି କୁହାଯାଏ। ଏ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ ଅଶକ୍ତି, ଅନ୍ୟାୟ ଓ ଅନୀତି ଆଦିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରିବା ସହ ସଂସାରକୁ ସୁଖ, ଶାନ୍ତି ତଥା ମଙ୍ଗଳ ପ୍ରଦାନ କରିଥାନ୍ତି। ତେଣୁ ମହେଶ୍ୱରଙ୍କୁ ସତ୍ୟ - ଶିବ - ସୁନ୍ଦର ମଧ୍ୟ କୁହାଯାଏ।

ଏହି ମହେଶଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ଶ୍ରାବଣ ମାସ। ଯାହାକୁ ସେ ସ୍ୱୟଂ କହିଛନ୍ତି:- 'ଦ୍ୱାଦଶସ୍ୱପି ମାସେଷୁ ଶ୍ରାବଣୋ ମେ ଽତିବଲ୍ଲଭଃ
ଶ୍ରବଣାର୍ହଂ ଜନ୍ମାହାତ୍ମ୍ୟଂ ତେନାସୌ ଶ୍ରବଣ ମତଃ ।।

ଅର୍ଥାତ୍ ବାର ମାସ ମଧ୍ୟରେ ଶ୍ରାବଣ ମାସ ମୋର ସବୁଠାରୁ ପ୍ରିୟ ଅଟେ। ଏହି ମାସର ଶ୍ରବଣ ଯୋଗ୍ୟ ମହିମା ଏବଂ ଶ୍ରବଣା ନକ୍ଷତ୍ର ସହିତ ଏହାର ସମ୍ବନ୍ଧ ଯୋଗୁଁ ଏହାକୁ 'ଶ୍ରାବଣ' କୁହାଯାଏ। ଉକ୍ତ ମାସରେ ଭଗବାନ ଶିବଙ୍କ ଯେଉଁ ଅନନ୍ୟ ସ୍ୱରୂପ ରହିଛି, ଯାହାକୁ ଶିବଲିଙ୍ଗ ରୂପେ ପୂଜିତ କରାଯାଏ। ଯାହାର ପାଞ୍ଚ ଗୋଟି ମୁଖ ରହିଛି ଯଥା:- ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ପୁରୁଷ ଏବଂ ଈଶାନ । ଏଣୁ ଏହାଙ୍କୁ ପଞ୍ଚାନନ ଅଭିହିତ କରାଯାଇଛି। ଯାହା ମହାଦେବଙ୍କ ପାର୍ଥିବ ସ୍ୱରୂପ ଅଟେ। ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ, ଶ୍ରବଣା ନକ୍ଷତ୍ର ନାମରେ ଶ୍ରାବଣ ମାସ ନାମିତ ହୋଇଛି । ଏହି ପବିତ୍ର ମାସର ଧାର୍ମିକ ଓ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ବିଧିବିଧାନ ସହକାରେ ପୂଜା କଲେ ଆଶୁତୋଷ ସମସ୍ତ ମନୋକାମନା ପୂର୍ଣ୍ଣ କରିଥାନ୍ତି। ପୁରାଣରେ ବର୍ଣ୍ଣିତ ରହିଛି ଯେ, ମାତା ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ। ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ମାସରେ ମାତା ପାର୍ବତୀ ଓ ଭଗବାନ ଶିବ ଭୂଲୋକକୁ ଭ୍ରମଣ କରିବାକୁ ଆସିଥାନ୍ତି। ଏଣୁ ଶ୍ରାବଣ ମାସର କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରାବଣ ମାହାତ୍ମ୍ୟ ପଠନ କରାଯାଇଥାଏ। ଏ ମାସର ପ୍ରତ୍ୟେକ ସୋମବାର ଦିନ ମହାଦେବଙ୍କୁ ଜଳ ଅର୍ପଣ କଲେ, ସେ ସନ୍ତୁଷ୍ଟ ହୁଅନ୍ତି। କାରଣ ସମସ୍ତ ଉପଚାରମାନଙ୍କ ମଧ୍ୟରେ ଶିବଙ୍କ ଅତୀବ ପ୍ରିୟ ଜଳ। ଏଣୁ ଶାସ୍ତ୍ରରେ କୁହାଯାଇଛି ଯେ 'ଶିବ ଜଳଧାରା ପ୍ରିୟଃ'। ସେ'ପରି ପୁରାଣରେ ବର୍ଣ୍ଣନା ରହିଛି ଯେ , ଯେତେବେଳେ ଦେବତା ଓ ଦାନବମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଯାଇଥିଲା ; ସେତେବେଳେ ପ୍ରଥମେ ହଳାହଳ ନାମକ ଏକ ଭୟଙ୍କର ଗରଳ ଓ ଅମୃତ ଦୃଷ୍ଟ ଶ୍ରାବଣ ମାସ ଅମାବାସ୍ୟା ଦିନ ଉତ୍ପନ୍ନ ହୋଇଥିଲା। ସେହି ବିଷ ପ୍ରଭାବରେ ସମଗ୍ର ସଂସାରର ପ୍ରାଣୀମାନେ ଅଚେତନ ହୋଇଗଲେ। ଏହି ଘୋର ବିପଦରୁ ଉଦ୍ଧାର କରିବା ପାଇଁ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ। ସେହି ପ୍ରାର୍ଥନା ସ୍ୱରୂପ ଅନୁରୋଧକୁ ରକ୍ଷାକରି , ମହାଦେବ ଉକ୍ତ ବିଷକୁ ପାନ କରିଦେଇଥିଲେ । ଯାହା ଫଳରେ ଶିବଙ୍କ କଣ୍ଠଦେଶ ନୀଳବର୍ଣ୍ଣ ହୋଇଯାଇଥିଲା । ସେହି ବିଷକ୍ରିୟାକୁ ଲାଘବ କରିବା ଉଦ୍ଦେଶ୍ୟରେ ଦେବଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳିଥିଲେ। ସେ'ପରି ଶିବଙ୍କ ପରମ ଭକ୍ତ ଲଙ୍କାପତି ରାବଣ ନୀଳକଣ୍ଠଙ୍କ ଗରଳ ଜ୍ୱାଳକୁ ପ୍ରଶମିତ କରିବା ପାଇଁ , ହିମାଳୟରୁ ପବିତ୍ର ଗଙ୍ଗା ଜଳ ଆଣି ଭୋଳାନାଥଙ୍କୁ ଅର୍ପଣ କରିଥିଲେ। ଅତଃ ଏହି ପବିତ୍ର ମାସରେ ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କାଉଡ଼ି ଯାତ୍ରାର ପରମ୍ପରା ରହିଆସିଛି। ଭଗବାନ ପର୍ଶୁରାମ ପ୍ରଥମେ କାଉଡ଼ି ଯାତ୍ରା ଆରମ୍ଭ କରିଥିଲେ ବୋଲି ଦେଖିବାକୁ ମିଳେ। ସେ ଉତ୍ତର ପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ଗଡ଼ମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ।

ବହୁ ପୁରାତନ କାଳରୁ ଶିବ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କୁ ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି। କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୁଅନ୍ତି ନଥା'ନ୍ତି ଜଳାଭିଷେକ ଦ୍ୱାରା ତାଠାରୁ ବେଶି ପ୍ରସନ୍ନ ହୋଇଥାନ୍ତି । ସେଥିପାଇଁ ଆଜି ମଧ୍ୟ ଶ୍ରାବଣ ମାସରେ ଭାରତ ଓ ନେପାଳର ଲକ୍ଷ ଲକ୍ଷ ଭକ୍ତ ଜଳଧାରା ଧରି ଯାତ୍ରା କରି ଆସୁଛନ୍ତି । ରାସ୍ତାରେ ଚାଲିବା ବେଳେ ପଥ ଲାଘବ ପାଇଁ କାଉଡ଼ିଆମାନେ ବୋଲ ବମ - ବୋଲ ବମ କହିଥାନ୍ତି। ବୋଲ ବମ ଯାତ୍ରା ଓ ଭାଗନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କୁହାଯାଏ । ଏହି କାଉଡ଼ିଆ ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ କାନ୍ଧରେ କଳସୀ ଭାର ଧରି ନିଷ୍ଠାର ସହିତ ସଂପୂର୍ଣ୍ଣ ପଦ ଖୋଲା ପାଦରେ ଅତିକ୍ରମ କରିଥାନ୍ତି । କେହି କେହି ଗୋମୁଖ ଓ ଗଙ୍ଗୋତ୍ରୀରୁ ଗଙ୍ଗା ଜଳ ଆଣିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାବନ ଶିବ ମନ୍ଦିର ନିକଟସ୍ଥ ପବିତ୍ର ନଦୀ ପାଖରୁ ଜଳ ଆଣିଥାନ୍ତି। ଆମ ଓଡିଶାର ଅଧିକାଂଶ ଭକ୍ତ କଟକ ସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢ଼ାଳିଥାନ୍ତି । ସେ'ପରି ଗଞ୍ଜାମ ଜିଲ୍ଲା ପବିତ୍ର ଋଷିକୁଲ୍ୟା ନଦୀରୁ ଜଳ ନେଇ ଅନେକ ଶିବାଳୟକୁ ଯାଉଥାନ୍ତି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଅଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଶ୍ରାବଣ ମାସରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ଭକ୍ତି ସହକାରେ ପୂଜାକଲେ, ପୂଜାର ଫଳ ହଜାର ଗୁଣ ମିଳି ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ହୋଇଥାଏ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ।
୯୮୬୧୩୩୪୮୬୮

ଆରଡିସି ଅଫିସରେ ଶ୍ରମିକ କୃଷକଙ୍କ ମିଳିତ ବିକ୍ଷୋଭ

ବ୍ରହ୍ମପୁର,(ପ୍ରତିଶବ୍ଦ) : ଲେବର କୋଡ଼ ବାତିଲ କର, ଚାଷୀ ଫସଲ ପାଇଁ ଙ୍କଷ୍ଟକ୍ଷ ଲାଗୁକର, ଦର ବୃଦ୍ଧି ବନ୍ଦ କର,ପେଟ୍ରୋଲ ଓ ଡିଜେଲର ଦର କମାଅ, ବେକରଙ୍କୁ ନିଯୁକ୍ତି ଦିଅ ,ଅସ୍ଥାୟୀ ଓ ଆଉଟ ସୋର୍ସିଙ୍ଗ ବନ୍ଦକର,ନୂଆ ଶିକ୍ଷା ନୀତି ବାତିଲ କର,ପରୀକ୍ଷା ବ୍ୟବସ୍ଥାକୁ ତୃଟି ମୁକ୍ତ କର,ପୁରୁଣା ପେନସନ ଲାଗୁକର ଓ ମହିଳାଙ୍କ ପାଇଁ ୩୩ ଭାଗ ସ୍ଥାନ ସଂରକ୍ଷଣ କାର୍ଯ୍ୟକାରି କର ,ସାମ୍ବିଧାନିକ ସଂସ୍ଥା ଗୁଡ଼ିକୁ ସରକାରୀ ନିୟନ୍ତ୍ରଣରେ ରଖିବା ବନ୍ଦକର,ଓ ରାଜ୍ୟରେପ୍ରାଥମିକ ଶିକ୍ଷାର ତୃଟି ପୂର୍ଣ୍ଣ ପୁସ୍ତକ ପ୍ରକାଶନ ପାଇଁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅ ଇତ୍ୟାଦି ଦାବିରେ ଆଜି ଦକ୍ଷିଣାଞ୍ଚ ରାଜସ୍ୱ କମିଶନର ଅଫିସ ସମ୍ମୁଖରେ ଶ୍ରମିକ, କୃଷକ ଓ କ୍ଷେତମୁଲିଆ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛ । ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କ୍ଷେତମୁଲିଆ ସଂଗଠନ ଗୁଡ଼ିକ ମୋଦି ସରକାରଙ୍କ ଶ୍ରମିକ କୃଷକ ବିରୋଧୀ ଓ ଦେଶ ବିକ୍ରୀ ନୀତି ବିରୋଧରେ ଦେଶ ବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ ।ଏହି ପରିପ୍ରେକ୍ଷୀରେ ଗଂଜାମ ଜିଲ୍ଲା ୟୁନିଟ ପକ୍ଷରୁ କମାପଲି ଛକଠାରୁ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା ଏବଂ ଜଉଡ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ପ୍ରତିବାଦରେ ଶ୍ରମିକ ନେତା ଯୁଧିଷ୍ଠିର ବେହେରା, ପ୍ରଦୀପ ସେଠି, ଭୋକଲି ସେଠି,ରାଘବ ପରିଡା, ରାଜେନ୍ଦ୍ର ଦାସ, ପ୍ରତାପ ନାୟକ, ସନ୍ତୋଷ ସାହୁ,ପପୁନ ସାହୁ,ହରୀକୃଷ ରେଡି, ନାରାୟଣ ରେଡି, ଅବନୀ ଗୟା, ଗଗନ ମଲିକ,ବିପିନ ନାୟକ,ସତ୍ୟ ତ୍ରିପାଠୀ,କୈଳାସ ଷଡଙ୍ଗୀ, ତ୍ରିନାଥ ବେହେରା, ଶିବ ପ୍ରସାଦ ମହାପାତ୍ର, ଭାଲ ଚନ୍ଦ୍ର ଷଡଙ୍ଗୀ ,ବିଦ୍ୟାଧର ଜେନା,କାମଦେବ ନାହାକ ପ୍ରମୁଖ ଶ୍ରମିକ କୃଷକ ନେତୃତ୍ୱ ବକ୍ତବ୍ୟ ରଖିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେଶରେ ଜଉଡ ଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପଞ୍ଜିକରଣ ନୂତନ ନିୟମ ରେ ହନ୍ତସନ୍ତ ହେବେ ଚାଷୀ

ଶେରଗଡ,(ପ୍ରତିଶବ୍ଦ) : ରାଜ୍ୟ ସରକାର ଚଳିତ ଖରିଫ ଋତୁ ଲାଗି ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ରେ ନୂତନ ଖାଇଡଲାଇନ ଲାଗୁ କରିଛନ୍ତି। ଏହି ନୂତନ ନିୟମ ଅନୁଯାୟୀ, ଯାହା ନାମରେ ଜମି ରହିଛି, ସମ୍ପୃକ୍ତ ବ୍ୟକ୍ତି ହିଁ ଅନଲାଇନ କରିପାରିବେ। ବିଶେଷ କରି ଭାଗଚାଷୀ, ବଂଶାନୁକ୍ରମେ ଚାଷ କରୁଥିବା କୃଷକ ଏବଂ ନିଜ ନାମରେ ଜମି ନଥିବା ଚାଷୀମାନେ ପଞ୍ଜିକରଣ ରୁ ବାଦ ପଡିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଉଛି। ସାଧାରଣତଃ, ପ୍ରତି ବର୍ଷ ଜୁଲାଇ ୧୫ ରୁ ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରି ଲାଗି ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥାଏ। ମାତ୍ର ଚଳିତ ବର୍ଷ ପଞ୍ଜିକରଣ ବିଳମ୍ବରେ ଆରମ୍ଭ ହେବା ସହ ନୂତନ ନିୟମାବଳୀ ଲାଗୁ କରିଛନ୍ତି। ଏହାକୁ ନେଇ ଶେରଗଡ ବ୍ଲକ ର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ବିରୋଧୀ ମାନେ ବିଜେପି ସରକାରଙ୍କ ଏହା ଚାଷୀ ମାରଣ ନୀତି ବୋଲି ଅଭିହିତ କରିଛନ୍ତି। ଚଳିତ ବର୍ଷ ନୂତନ ନିୟମାବଳୀ ଅନୁଯାୟୀ,ଚାଷୀ ମାନଙ୍କୁ କୃଷକ ରେଜିଷ୍ଟ୍ରେସନ ସଂଖ୍ୟା ଆଧାର ରେ ପଞ୍ଜିକରଣ କରିବାକୁ ପଡିବ। ଫଳରେ ବହୁ ବର୍ଷ ଧରି ପୈତୃକ ଜମିରେ ଚାଷ କରୁଥିବା ହଜାର ହଜାର ଚାଷୀ ନିଶ୍ଚିତ ଭାବେ ସମସ୍ୟା ର ସମ୍ମୁଖୀନ ହେବେ। ଅନ୍ୟ କ୍ଷେତ୍ରରେ ଜମି ଗୁଡିକ ଏପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ନାମରେ ରହିଥିବା ବେଳେ ବର୍ତ୍ତମାନ ତୃତୀୟ ପିଢୀ ସେହି ସବୁ ଜମିକୁ ଚାଷ କରୁଛନ୍ତି। ନୂତନ ନିୟମ ଅନୁସାରେ ସେମାନେ କିପରି ଚାଷୀ ପଞ୍ଜିକରଣ କରିପାରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ମାନଙ୍କର ଜମି ସେମାନଙ୍କ ନିଜ ନାମରେ ଅଛି, ସେମାନେ ଯଦି କୃଷକ ରେଜିଷ୍ଟ୍ରେସନ ସଂଖ୍ୟା ବା ଆଗ୍ରୋଷ୍ଟେକ ଆଇଡି ରେ ସମସ୍ତ ଜମିର ପ୍ଲଟ ନମ୍ବର ଉଲ୍ଲେଖ ନଥିବ, ତା ହେଲେ ସେମାନେ ମଣ୍ଡି କୁ ଧାନ ଦେଇପାରିବେ ନାହିଁ ବୋଲି ସରକାର ଙ୍କ ନିର୍ଦ୍ଦେଶ ରହିଛି। ଫଳରେ ଶେରଗଡ ବ୍ଲକର ପ୍ରାୟ ଶତକଡା ୯୦ ଭାଗ ଚାଷୀ ବାଦ ପଡିବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ନିୟମ କୁ ନେଇ ଦଲାଲ ତଥା ଧାନ ବେପାରୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ନୂତନ ନିୟମ ରେ ଅନେକ ପ୍ରକୃତ ଚାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବାର ସୁଯୋଗ ହରାଇବେ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ଧାନ କ୍ରୟର ପରିମାଣ କମାଇବା ଓ ସଠିକ ଚାଷୀ ଧାନ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଏଭଳି କଠୋର ନିୟମ ଆଣିଛନ୍ତି। ଯାହା ଅନ୍ୟ ରାଜ୍ୟ ମାନଙ୍କ ରେ ଚାଲିଛି। ଏହି ପଞ୍ଜିକରଣ ଅଗଷ୍ଟ ୦୬ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ରଖାଯାଇଛି। ତେଣୁ ସରକାର ତୁରନ୍ତ ପୁରୁଣା ପଦ୍ଧତିରେ ପଞ୍ଜିକରଣ ବ୍ୟବସ୍ଥା ପୁନଃ ଚାଲୁନକଲେ ସାରା ବ୍ଲକ ତଥା ନିର୍ବାଚନ ମଣ୍ଡଳୀ ରେ ଆନ୍ଦୋଳନ ହେବ ବୋଲି ଆକଳନ କରାଯାଉଛି।

ବ୍ରାହ୍ମଣ ସମାଜ ତରଫରୁ ସ୍ୱର୍ଗତଃ ଉଦ୍ୟାନବିତ ସମ୍ମାନିତ

ଆଠମଲ୍ଲିକ,(ପ୍ରତିଶବ୍ଦ) : ଆଠମଲ୍ଲିକ ବ୍ଲକ, ପେଡିପଥର ଗ୍ରାମର ଅବସରପ୍ରାପ୍ତ ଉଦ୍ୟାନବିତ କୈଳାଶ ଚନ୍ଦ୍ର ସାହୁ ଆଠମଲ୍ଲିକ ରେ ଉଦ୍ୟାନବିତ ଭାବେ କାର୍ଯ୍ୟରତ ଥିବା ବେଳେ ଚାଷୀ ମାନଙ୍କ ପାଇଁ ଆମ୍ବ, ଲିଚୁ, କଦଳୀ ଚାଷ କୁ ପ୍ରାଧାନ୍ୟ ଚାଷୀ କୁଳ କୁ ସ୍ୱାବଲମ୍ବୀ କରି ପାରିଥିଲେ । ତାଙ୍କ ର କାର୍ଯ୍ୟକାଳ ରେ ସ୍ଲକ୍ଷନୀୟ ଚଷୀ ମକ୍ଷନେ ଆମ୍ବ, ଲିଚୁ, ପିଜୁଳି ଇତ୍ୟାଦି ସଫଳ ଭାବରେ ଚାଷ କରି ନିଜର ଆର୍ଥିକ ସ୍ଥିତି ରେ ଉର୍ନତି ଆଣିପାରି ଥିଲେ ଶ୍ରୀ ସାହୁ ଙ୍କ ଆପ୍ରାଣ ଚେଷ୍ଟା ଓ ସାହାଯ୍ୟ ମନବୃତି କୁ ଆଜି ମଧ୍ୟ ଚାଷୀ କୁଳ ଭୁଲି ପାରୁନାହାନ୍ତି । ଏପରି ସ୍ଥଳରେ ସ୍ୱର୍ଗତଃ ସାହୁ ଙ୍କ ପରଲୋକ ପରେ ତାଙ୍କ ବାସ ଭବନ କୁ ଯାଇ ଏକାଦଶାହ କାର୍ଯ୍ୟରେ ଆଠମଲ୍ଲିକ ବ୍ରାହ୍ମଣ ସମାଜ ଯୋଗଦେଇ ତାଙ୍କ ର ତ୍ୟାଗ ଓ ସାହାଯ୍ୟ ମନଭାବ କୁ ସମ୍ମାନ ଜଣାଇ ପରିବାର ସଦସ୍ୟ ଙ୍କୁ ଏକ ମରଣତ୍ତର ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ପ୍ରଶଂସା ପତ୍ର କୁ ପୁଅ ପୁତୁରା ସତ୍ୟବ୍ରତ ସାହୁ, ସବ୍ୟସାଚୀ ସାହୁ, ଅସିତ ସାହୁ, ଅଂଶୁମାନ ସାହୁ, ଅବିନାଶ ସାହୁ ଙ୍କ ସମେତ ପରିବାର ସଦସ୍ୟ ମାନେ ଗ୍ରହଣ କରିଥିଲେ । ବ୍ରାହ୍ମଣ ସମାଜ ତରଫରୁ ସଭାପତି ରାଧାମୋହନ ତ୍ରିପାଠୀ, ଉପସଭାପତି ସୁବୋଧ କୁମାର ମିଶ୍ର, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର, ଉଦିପ୍ତ ପୁରୋହିତ, କମଳାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

‘ଘରେ ଘରେ ତ୍ରିରଙ୍ଗା’ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

ଛତ୍ରପୁର,(ପ୍ରତିଶବ୍ଦ) : ପବିତ୍ର ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ୍’ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ ସମଗ୍ର ଦେଶରେ ‘ଘରେ ଘରେ ତ୍ରିରଙ୍ଗା–୨୦୨୬’ କାର୍ଯ୍ୟକ୍ରମ ପାଳନ କରାଯାଉଛି। ଏହି ଜାତୀୟ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାରେ ଜନଭାଗିଦାରୀ ମାଧ୍ୟମରେ ସଫଳ କରିବା ପାଇଁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ‘ଘରେ ଘରେ ତ୍ରିରଙ୍ଗା’ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କ ଗର୍ବ, ଗୌରବ ଓ ଦେଶପ୍ରେମର ପ୍ରତୀକ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅବସରରେ ଗଞ୍ଜାମ ଜିଲ୍ଲାରେ ଅଗଷ୍ଟ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଗଷ୍ଟ ୧୦ ତାରିଖରେ ସୋସିଆଲ୍ ମିଡିଆ ଅଭିଯାନର ଶୁଭାରମ୍ଭ । ଅଗଷ୍ଟ ୧୧ରେ ତ୍ରିରଙ୍ଗା ରଙ୍ଗୋଲି ପ୍ରତିଯୋଗିତା, ସ୍ୱଚ୍ଛତା ଅଭିଯାନ ଏବଂ ଛତ୍ରପୁରସ୍ଥିତ ଆଞ୍ଚଳିକ କଳା ଗ୍ୟାଲେରୀରେ ମ୍ୟୁରାଲ୍ ଓ ଚିତ୍ରକଳା । ପ୍ରତିଯୋଗିତା । ଅଗଷ୍ଟ ୧୨ରେ ଛତ୍ରପୁରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠରେ ପ୍ରଦର୍ଶନୀ, ଏବଂ ପ୍ରାୟ ୫,୦୦୦ ଅଂଶଗ୍ରହଣକାରୀଙ୍କୁ ନେଇ ବ୍ରହ୍ମପୁର ଷ୍ଟାଡିୟମ୍‌ରୁ ଖଲ୍ଲିକୋଟ କଲେଜ ପଡ଼ିଆ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ଅଗଷ୍ଟ ୧୩ରେ ବିଜୟଦ୍ୱାରରୁ ଗୋପାଳପୁର ବେଳାଭୂମି ପର୍ଯ୍ୟନ୍ତ ମାରାଥନ୍ ଏବଂ ଛତ୍ରପୁର ସଂସ୍କୃତି ଭବନରେ ଦେଶପ୍ରେମଭିତ୍ତିକ ନାଟକ ପରିବେଷଣ କରାଯିବ। ଅଗଷ୍ଟ ୧୪ରେ ଶୋଭାଯାତ୍ରା, ବିଭିନ୍ନ ସ୍କ୍ରିନ୍ ?ରେ ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ ଏବଂ ବାଲୁକା କଳା ପ୍ରଦର୍ଶନ କରାଯିବ। ଅଗଷ୍ଟ ୧୫ରେ ଜାତୀୟ ପତାକା ଉତ୍ତୋଳନ ଓ ସ୍ୱାଧୀନତା ଦିବସ ପାଳନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ବିଡିଓ ଓ ତହସିଲଦାରଙ୍କ ନେତୃତ୍ୱରେ ରାଲି ଆୟୋଜନ କରାଯିବ। ‘ବନ୍ଦେ ମାତରମ୍’ର ସମବେତ ଗାୟନ କରାଯିବ। ଏଥିସହ ‘ସେଲ୍ଫି ୱିଥ୍ ତ୍ରିରଙ୍ଗା’ ମାଧ୍ୟମରେ ଜାତୀୟ ପତାକା ସହ ସେଲ୍ଫି ନେଇ ସୋସିଆଲ୍ ମିଡିଆରେ ଅପଲୋଡ୍ କରିବାକୁ ମଧ୍ୟ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ପତାକାର ବିକାଶ ଯାତ୍ରା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ବଳିତ ‘ତ୍ରିରଙ୍ଗା’ ଓ ‘ବନ୍ଦେ ମାତରମ୍’ ପ୍ରଦର୍ଶନୀ ଆୟୋଜନ କରାଯିବ। ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଗଢଏକ୍ସଙ୍ଗ ପୋର୍ଟାଲରେ ଆୟୋଜିତ ଅନଲାଇନ୍ କୁଇଜ୍‌ରେ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟ ସୁନିଶ୍ଚିତ କରାଯିବ। ଛତ୍ରପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ରସୁଲପୁର ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି

ଯାଜପୁର,(ପ୍ରତିଶବ୍ଦ) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୨ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ନଗେନ୍ଦ୍ରନାଥ ମହାପାତ୍ର, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ, ସାରସ୍ୱତ ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସୁଲପୁର ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର, ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରସୁଲପୁର ବ୍ଲକ୍ ବାହାଡେଲାପୁର ପଞ୍ଚାୟତର ଅର୍ଜୁନ ଚରଣ ପଣ୍ଡାଙ୍କୁ ଜିଲ୍ଲାପାଳ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ।

ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ହେଲେ କୃଷ୍ଣଚନ୍ଦ୍ର ପୋଲାଇ

ବ୍ରହ୍ମପୁର,(ପ୍ରତିଶବ୍ଦ) : ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସହିତ ଜଡ଼ିତ ହୋଇ ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ତଥା ଛାତ୍ର ନେତା ଭାବେ ସେ ନିଜର ସଂଗଠନାତ୍ମକ ଯାତ୍ରା ଆରମ୍ଭ କରିଥିଲେ । ଭାଟକୁମୁରଡ଼ା କଲେଜରୁ ନିଜର ଯୁକ୍ତଦୁଇ ଶିକ୍ଷା ସମାପ୍ତ କରିବା ପରେ, କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ରୁ ଯୁକ୍ତ ତିନି ଶିକ୍ଷା ସମାପ୍ତ କରିଥିଲେ । ବର୍ତ୍ତମାନ ସେ ଗଞ୍ଜାମ ମହାବିଦ୍ୟାଳୟ ରେ ଆଇନ ଶିକ୍ଷା ଅଧ୍ୟୟନରତ ଅଛନ୍ତି । ଛାତ୍ର ଜୀବନରୁ ହିଁ ବିଦ୍ୟାର୍ଥୀ ପରିଷଦ ପରିବାର ସହିତ ଓତପ୍ରୋତ ଭାବେ ଜଡ଼ିତ ରହି ଜିଲ୍ଲା ସଂଯୋଜନା, ବିଭାଗ ସଂଯୋଜକ ଓ ରାଜ୍ୟ ବିକାଶର୍ଥେ ବିଦ୍ୟାର୍ଥୀ ଭଳି ଦାୟିତ୍ୱ ନିର୍ବାହ କରି ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସିଛନ୍ତି । ତାଙ୍କର ସୁଦକ୍ଷ ରଣନୀତି, ନେତୃତ୍ୱ ଦକ୍ଷତା ଓ କାର୍ଯ୍ୟଶୈଳୀ ତାଙ୍କୁ ସଂଗଠନରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ପୂର୍ବରୁ ଯୁବ ମୋର୍ଚ୍ଚାର ଜିଲ୍ଲା ସ୍ତରରେ ବିଭିନ୍ନ ଦାୟିତ୍ୱ ନିଷ୍ଠାର ସହିତ ତୁଲାଇବା ପରେ, ବର୍ତ୍ତମାନ ତାଙ୍କୁ ଗଞ୍ଜାମ ଜିଲ୍ଲା ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଛାତ୍ର ଜୀବନରୁ ଆରମ୍ଭ ହୋଇଥିବା ଏହି ଅବିରତ ସଂଗଠନାତ୍ମକ ଯାତ୍ରା ଆଜି ଏକ ନୂଆ ଦାୟିତ୍ୱରେ ପହଞ୍ଚିଛି । ଆଗାମୀ ଦିନରେ ମଧ୍ୟ ତାଙ୍କର ନେତୃତ୍ୱ ଓ ସଂଗଠନ ପ୍ରତି ସମର୍ପଣ ଗଞ୍ଜାମ ଜିଲ୍ଲାର ଯୁବ ସମାଜ ପାଇଁ ପ୍ରେରଣା ହେଉ ଯୁବ ସମାଜ ପାଇଁ ଅବିରତ ସଂଗଠନର ଯାତ୍ରାରେ ନୂତନ ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ପାଇଁ ସେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କୁ ଧନ୍ୟବାଦ ଦେଇଛନ୍ତି ଏହା ସହିତ ମାନ୍ୟବର ବାଣିଜ୍ୟ, ପରିବହନ , ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଛତ୍ରପୁର ବିଧାୟକ କୃଷ୍ଣ ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୁଧାନ ସାମନ୍ତରାୟ ଓ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତୁତୁନ ପାତ୍ରଙ୍କୁ ଧନ୍ୟବାଦ ଦେବା ସହ ଏହି ଦାୟିତ୍ୱ ପାଇଁ ତାଙ୍କୁ ଉପଯୁକ୍ତ ଭାବିଥିବାରୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୋମନାଥ ପାତ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ବାଲୁଗାଁ କଲେଜରେ ନିର୍ବାଚନ ସାକ୍ଷରତା କ୍ଲବର ଆଲୋଚନାଚକ୍ର

ବାଲୁଗାଁ,(ପ୍ରତିଶବ୍ଦ) : ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ,ଗଣତାନ୍ତ୍ରିକ ନିୟମ ଓ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମିତ୍ତ ସୋମବାର ଦିନ ବାଲୁଗାଁ ମହାବିଦ୍ୟାଳୟ ନିର୍ବାଚନ ସାକ୍ଷରତା କ୍ଲବ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ନିର୍ବାଚନ ସାକ୍ଷରତା କ୍ଲବର ନୋଡାଲ ଅଫିସର ଅଧ୍ୟାପିକା ସୁନିତା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଉଦ୍ଭିଦବିଜ୍ଞାନ ମୁଖ୍ୟ ଅଧ୍ୟାପକ ପ୍ରବୀଣ କୁମାର ଜେନା, ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ, ଅଧ୍ୟାପକ ଉମାକାନ୍ତ ସାହୁ, ଅଧ୍ୟାପିକା ରୋଜାଲିନ ମିଶ୍ର, ଦୀପକ ପରିଡା,ନିର୍ବାଚନ ସାକ୍ଷରତା କ୍ଲବର ଉଦ୍ଦେଶ୍ୟ,ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟ, ଭୋଟର ପଞ୍ଜିକରଣ,ଭୋଟର ସଂଶୋଧନ ପ୍ରକ୍ରିୟା, ନିର୍ବାଚନ, ମତଦାନ ଓ ଗଣନା ପ୍ରକ୍ରିୟାରେ ସହଭାଗୀ ହେବା, ନୈତିକତାର ସହ ମତଦାନ କରିବା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିବା ସହ ଏକ ସ୍ୱଚ୍ଛ ଗଣତାନ୍ତ୍ରିକ ସରକାର ଗଠନ କରିବାରେ ନାଗରିକମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଉକ୍ତ ଆଲୋଚନାଚକ୍ରରେ ଛାତ୍ରୀ ସୁମିତ୍ରା ବେହେରା, ଶୁଭଶ୍ରୀ ମହାପାତ୍ର, ଅଂଶୁମାନ ବାରିକ, ରୁଦ୍ରକାନ୍ତ ଖାଡ଼ଙ୍ଗା, ତୃପ୍ତିମୟୀ ବେହେରା ପ୍ରମୁଖ ଭାରତର ଗଣତାନ୍ତ୍ରିକ ସରକାର ଗଠନରେ ଛାତ୍ର ଓ ଯୁବଶକ୍ତିର ଭୂମିକା ଓ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନାରେ ନିଜ ନିଜର ଅଭିମତ ପ୍ରଦାନ କରିଥିଲେ।

ଅନ୍ୱେଷା କଳା କେନ୍ଦ୍ର ଓ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ମିଳିତ ଆୟୋଜନରେ ‘ଆଇଏଚସି ଲୋକ ସଙ୍ଗୀତ ସମ୍ମିଳନୀ ୨୦୨୬’

ଭାରତର ଜୀବନ୍ତଲୋକ ପରମ୍ପରାର ଦୁଇଦିନିଆ ଉତ୍ସବ

ବ୍ରହ୍ମପୁର,(ପ୍ରତିଶବ୍ଦ) : ଭାରତର ସମୃଦ୍ଧ ଲୋକକଳା ଓ ଲୋକପରମ୍ପରାର ସଂରକ୍ଷଣ ଓ ପ୍ରସାର ଲକ୍ଷ୍ୟରେ ଅନ୍ୱେଷା କଳା କେନ୍ଦ୍ର (ଏକେକେ) ଓ ଈଇଣ୍ଡିଆ ହାବିଟାଟ୍ ସେଣ୍ଟର (ଆଇଏଚସି) ର ମିଳିତ ଭାବେ ଅଗଷ୍ଟ ୮ ଓ ୯ ତାରିଖରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟାଇନ୍ ଅଡିଟୋରିୟମ୍ ରେ ‘ଆଇଏଚସି ଲୋକ ସଙ୍ଗୀତ ସମ୍ମିଳନୀ–୨୦୨୬’ ର ଆୟୋଜନ କରାଯାଇଛି । ଦୁଇଦିନିଆ ଏହି ଉତ୍ସବରେ ଛତିଶଗଡ଼ର ପଣ୍ଡବାନୀ ଏବଂ କେରଳର ପୁଲ୍ଲୁଭନ ପାଟ୍ଟୁ ପରି ଭାରତର ଦୁଇଟି ପ୍ରାଚୀନ ଓ ଅନନ୍ୟ ଲୋକକଳା ପରମ୍ପରାକୁ ଏକ ମଞ୍ଚରେ ଉପସ୍ଥାପିତ କରାଯାଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟା ତୀଜନ ବାଇଙ୍କୁ ଶ୍ରଦ୍ଧାଞ୍ଜଳି ଭାବେ ସମର୍ପିତ କରାଯାଇଥିଲା । ପଦ୍ମ ବିଭୂଷଣ ସମ୍ମାନପ୍ରାପ୍ତ ତୀଜନ ବାଇ ପଣ୍ଡବାନୀ କଳାକୁ ଆନ୍ତର୍ଜାତିକ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଖ୍ୟାତ ପଣ୍ଡବାନୀ ଶିଳ୍ପୀ ପ୍ରଭା ଯାଦବ ତାଙ୍କ ସହଯୋଗୀ ପାରମ୍ପରିକ ବାଦ୍ୟଯନ୍ତ୍ର ଶିଳ୍ପୀମାନଙ୍କ ସହ ନିଜର ପରିବେଷଣ ଉପସ୍ଥାପନ କରିଥିଲେ ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର (ଡ଼.) କେ.ଜି. ସୁରେଶ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ଉପଦେଷ୍ଟା ତଥା କ୍ୟାବିନେଟ୍ ମନ୍ତ୍ରୀ ମାନ୍ୟତାପ୍ରାପ୍ତ ବରିଷ୍ଠ ସାମ୍ବାଦିକ ଆର୍. କୃଷ୍ଣ ଦାସ ଏବଂ ଧରସିୱା ବିଧାୟକ ତଥା ଛତିଶଗଡ଼ର ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ଅନୁଜ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସେମାନଙ୍କର ଉପସ୍ଥିତି ଭାରତର ପାରମ୍ପରିକ ଲୋକକଳା ପ୍ରତି ବଢୁଥିବା ଜାତୀୟ ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା ।ଅଗଷ୍ଟ ୯ ତାରିଖରେ କେରଳର ପ୍ରାଚୀନ ଆଧ୍ୟାତ୍ମିକ ଓ ଲୋକପରମ୍ପରା ପୁଲ୍ଲୁଭନ ପାଟ୍ଟୁ ପରିବେଷିତ ହୋଇଥିଲା। ସର୍ପ ଉପାସନା ଓ ମନ୍ଦିର ପରମ୍ପରା ସହ ଜଡିତ ଏହି ସଙ୍ଗୀତ ଶୈଳୀକୁ ଶ୍ରୀ ସଙ୍କରନ୍ ମେମୋରିଆଲ୍ ପୁଲ୍ଲୁଭନ ପାଟ୍ଟୁ କଳା ସମିତି ର ସତ୍ୟନାରାୟଣନ ପି.ଙ୍କ ନେତୃତ୍ୱରେ ପରିବେଷଣ କରାଯାଇଥିଲା । ଏହି ଅବସରରେ ଅନ୍ୱେଷା କଳା କେନ୍ଦ୍ରର ସମ୍ପାଦିକା ଅନ୍ୱେଷା ବ୍ରହ୍ମା କହିଥିଲେ ଯେ, ଭାରତର ଲୋକକଳା ଓ ଲୋକପରମ୍ପରା ଆମ ସମାଜର ଇତିହାସ, ଦର୍ଶନ ଓ ସାମୂହିକ ସ୍ମୃତିର ଜୀବନ୍ତ ପ୍ରତିଫଳନ। ‘ଆଇଏଚସି ଲୋକ ସଙ୍ଗୀତ ସମ୍ମିଳନୀ’ ମାଧ୍ୟମରେ ଆମେ ଏପରି ଲୋକକଳାକୁ ଏକ ଜାତୀୟ ମଞ୍ଚ ପ୍ରଦାନ କରିବା ସହିତ ରାଜଧାନୀର ଦର୍ଶକଙ୍କୁ ଭାରତର ସାଂସ୍କୃତିକ ବିବିଧତା ସହ ପରିଚିତ କରାଇବାକୁ ପ୍ରୟାସ କରୁଛୁ। ଇଣ୍ଡିଆ ହାବିଟାଟ୍ ସେଣ୍ଟର ସହ ଆମର ଏହି ସହଯୋଗ ଆମ ଅମୂଲ୍ୟ ଲୋକ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଇଣ୍ଡିଆ ହାବିଟାଟ୍ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଡ଼. କେ.ଜି. ସୁରେଶ କହିଥିଲେ। ଭାରତର ଲୋକକଳା ଆମର ସର୍ବଶ୍ରେଷ୍ଠ ସାଂସ୍କୃତିକ ସମ୍ପଦ ମଧ୍ୟରୁ ଅନ୍ୟତମ। ଏହା ପିଢ଼ି ପରେ ପିଢ଼ି ଆମର ଐତିହ୍ୟ, ମୂଲ୍ୟବୋଧ ଓ ଜୀବନ ଦର୍ଶନକୁ ବହନ କରିଆସିଛି। ‘ଆଇଏଚସି ଲୋକ ସଙ୍ଗୀତ ସମ୍ମିଳନୀ–୨୦୨୬’ ଆୟୋଜନରେ ଅନ୍ୱେଷା କଳା କେନ୍ଦ୍ର ସହ ଭାଗୀଦାର ହୋଇ ଆମେ ଗର୍ବିତ। ଏହି ଉତ୍ସବ ଭାରତର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟର ସମୃଦ୍ଧତାକୁ ଉତ୍ସବମୁଖର କରିବା ସହିତ ରାଜଧାନୀର ଦର୍ଶକଙ୍କୁ ଦେଶର ଶ୍ରେଷ୍ଠ ଲୋକଶିଳ୍ପୀମାନଙ୍କ ସହ ପରିଚିତ କରାଇବ। ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଅନ୍ୱେଷା କଳା କେନ୍ଦ୍ର ଭାରତର ଶାସ୍ତ୍ରୀୟ ଓ ଲୋକକଳାର ସଂରକ୍ଷଣ, ପ୍ରସାର ଓ ଦଲିଲୀକରଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛି।

ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କ୍ଲାସ୍

କେନ୍ଦ୍ରାପଡ଼ା,(ପ୍ରତିଶବ୍ଦ) : ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଭବିଷ୍ୟତରେ ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ନିଯୁକ୍ତି ପରୀକ୍ଷାରେ ସଫଳତା ପାଇଁ ସେମାନଙ୍କୁ ଉତ୍ସାହିତ ଓ ମାର୍ଗଦର୍ଶନ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ୍ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଶିକ୍ଷା, କ୍ୟାରିୟର ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମତ ବିନିମୟ କରିଥିଲେ। ନିୟମିତ ଅଧ୍ୟୟନ, ସମୟର ସୁପରିଚାଳନା, ଆତ୍ମବିଶ୍ୱାସ ଓ ନିରନ୍ତର ଅଭ୍ୟାସ ମାଧ୍ୟମରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିପରି ସଫଳତା ହାସଲ କରାଯାଇପାରିବ, ସେନେଇ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଶେଷକରି ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗପକ୍ଷରୁ JEE ଓ NEET ପାଇଁ ଅନଲାଇନ୍ କୋଚିଂ ସୁବିଧା ସମ୍ପର୍କରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହିତ Academic Support Programme ମାଧ୍ୟମରେ General Knowledge, English, Mathematics I Reasoning ଭଳି ବିଷୟରେ ମିଳୁଥିବା ପ୍ରଶିକ୍ଷଣର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ।

କାଗଜରେ ଲକ୍ଷପତି, ବାସ୍ତବରେ କେତେ ସ୍ୱାବଲମ୍ବୀ

* ୧.୨୩ ଲକ୍ଷର ଲକ୍ଷ୍ୟ, ୧୫,୩୧୬ ମହିଳା ଏବେ ବି ଲକ୍ଷପତି ଆୟରୁ ଦୂର
* ସରକାରୀ ଯୋଜନାର ସଫଳତା ନେଇ ବଡ଼ ପ୍ରଶ୍ନ

କଳାହାଣ୍ଡି,(ପ୍ରତିଶବ୍ଦ) : ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା, ନିଜ ଗୋଡ଼ରେ ଠିଆ କରାଇବା ଏବଂ ପରିବାରର ଆୟ ବଢ଼ାଇବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ 'ଲକ୍ଷପତି ଦିଦି' ଭଳି ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ସରକାରୀ ତଥ୍ୟରେ ଏହି ଯୋଜନାର ସଫଳତାର ଚିତ୍ର ମଧ୍ୟ ଦେଖାଯାଉଛି। କିନ୍ତୁ ଏହି ସଫଳତା କେବଳ କାଗଜରେ ନା ମହିଳାଙ୍କ ଜୀବନରେ ତାହାର ପ୍ରକୃତ ପ୍ରଭାବ ପଡ଼ିଛି ଏବେ ଏହା ହିଁ ବଡ଼ ପ୍ରଶ୍ନ। ୨୦୨୬ ମସିହା ଜୁନ୍ ୨୯ ତାରିଖ ପର୍ଯ୍ୟନ୍ତର ବ୍ଲକ୍ ?ଭିତ୍ତିକ ତଥ୍ୟ ଅନୁସାରେ କଳାହାଣ୍ଡି ଜିଲ୍ଲାରେ ମୋଟ ୧ ଲକ୍ଷ ୨୨ ହଜାର ୯୪୪ ଜଣଙ୍କୁ ଲକ୍ଷପତି ଦିଦି ଭାବେ ସୃଷ୍ଟି କରିବା ପାଇଁ ସମ୍ଭାବ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧ ଲକ୍ଷ ୭ ହଜାର ୬୨୮ ଜଣ ଲକ୍ଷପତି ଦିଦି ଭାବେ ସୃଷ୍ଟି ହୋଇଥିବା ଦର୍ଶାଯାଇଛି। ଏହି ହିସାବରେ ଜିଲ୍ଲାର ସଫଳତା ହାର ୮୮ ପ୍ରତିଶତ। କିନ୍ତୁ ଏହି ସଫଳତାର ଅନ୍ୟ ପାର୍ଶ୍ୱଟି ମଧ୍ୟ ରହିଛି। ତଥ୍ୟ ଅନୁସାରେ ୧୫ ହଜାର ୩୧୬ ଜଣ ଏବେ ବି ୧ ଲକ୍ଷ ଟଙ୍କା ବାର୍ଷିକ ଆୟ ସୀମାରେ ପହଞ୍ଚି ପାରିନାହାନ୍ତି। ସବୁଠାରୁ ଅଧିକ ଚିନ୍ତାର ବିଷୟ ହେଉଛି ଲାଞ୍ଜିଗଡ଼ ବ୍ଲକ୍ ?ର ସ୍ଥିତି। ଏଠାରେ ୮ ହଜାର ୨୨୦ ଜଣଙ୍କୁ ଲକ୍ଷ୍ୟ ଭାବେ ଧରାଯାଇଥିବାବେଳେ ୪ ହଜାର ୯୧୮ ଜଣ ଲକ୍ଷପତି ଦିଦି ହୋଇଥିବା ଦର୍ଶାଯାଇଛି। ଅର୍ଥାତ୍ ୩ ହଜାର ୩୦୨ ଜଣ ଏବେ ବି ଲକ୍ଷ୍ୟରୁ ପଛରେ ଏବଂ ଏଠାରେ ସଫଳତା ହାର ମାତ୍ର ୬୦ ପ୍ରତିଶତ। ଭବାନୀପାଟଣା ବ୍ଲକ୍‌ର ଚିତ୍ର ମଧ୍ୟ ପ୍ରଶ୍ନ ସୃଷ୍ଟି କରୁଛି। ଏଠାରେ ୧୮ ହଜାର ୫୩ ଜଣଙ୍କୁ ଲକ୍ଷ୍ୟ ଧରାଯାଇଥିବାବେଳେ ୧୩ ହଜାର ୩୧୫ ଜଣ ଲକ୍ଷପତି ଦିଦି ହୋଇଛନ୍ତି ଏବଂ ୪ ହଜାର ୭୩୮ ଜଣ ଏବେ ବି ଏକ ଲକ୍ଷ ଟଙ୍କା ଆୟ ସ୍ତରରୁ ତଳେ ରହିଛନ୍ତି। ଏଠାରେ ସଫଳତା ହାର ୭୪ ପ୍ରତିଶତ। କର୍ଲାମୁଣ୍ଡାରେ ମଧ୍ୟ ୩ ହଜାର ୭୯୧ ଜଣଙ୍କ ଲକ୍ଷ୍ୟ ମଧ୍ୟରୁ ୨ ହଜାର ୮୧୩ ଜଣ ଲକ୍ଷପତି ଦିଦି ହୋଇଥିବାବେଳେ ୯୭୮ ଜଣ ପଛରେ ଅଛନ୍ତି ଏବଂ ସଫଳତା ହାର ୭୪ ପ୍ରତିଶତ। ଅନ୍ୟପକ୍ଷରେ କେସିଙ୍ଗା ବ୍ଲକ୍‌ରେ ସଫଳତା ହାର ୧୦୦ ପ୍ରତିଶତ, କୋକସରାରେ ୯୮, ଜୁନାଗଡ଼ରେ ୯୪, ଥୁଆମୂଳ ରାମପୁରରେ ୯୩, ଗୋଲାମୁଣ୍ଡାରେ ୯୩, ମଦନପୁର ରାମପୁରରେ ୯୩, ନର୍ଲାରେ ୯୨, ଜୟପାଟଣାରେ ୯୧, ଧର୍ମଗଡ଼ରେ ୮୯ ଏବଂ କଳମପୁରରେ ୮୮ ପ୍ରତିଶତ ରହିଛି। ଏହି ତଥ୍ୟ ଦେଖିଲେ ଜିଲ୍ଲାରେ ଯୋଜନାର ଅଗ୍ରଗତି ହୋଇଥିବା ସ୍ପଷ୍ଟ, କିନ୍ତୁ ବ୍ଲକ୍ ? ଅନୁସାରେ ସଫଳତାରେ ଏତେ ବଡ଼ ତାରତମ୍ୟ କାହିଁକି—ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ମହିଳାଙ୍କ ନାମକୁ ଲକ୍ଷପତି ଦିଦି ତାଲିକାରେ ସାମିଲ କରିଦେବା ଏବଂ ପ୍ରକୃତରେ ତାଙ୍କ ହାତକୁ ସ୍ଥାୟୀ ଆୟ ଆସିବା—ଏହି ଦୁଇଟି କ'ଣ ସମାନ ? ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ଆଜି ମଧ୍ୟ ଅନେକ ମହିଳା ନିଜସ୍ୱ ସ୍ଥାୟୀ ଆୟର ଅଭାବରେ ପରିବାର ଉପରେ ନିର୍ଭରଶୀଳ। କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଋଣ ପ୍ରଦାନ କିମ୍ବା ତାଲିକାରେ ନାମ ସାମିଲ କରିଦେଲେ ମହିଳା ଆତ୍ମନିର୍ଭର ହୋଇଯିବେ ନାହିଁ; ତାଙ୍କ ଉତ୍ପାଦ ପାଇଁ ନିଶ୍ଚିତ ବଜାର, ବ୍ୟବସାୟ ପାଇଁ ପ୍ରଶିକ୍ଷଣ, ସହଜ ଋଣ, ଉତ୍ପାଦନ ପାଇଁ ଆବଶ୍ୟକ ସାଧନ, ବଜାର ସଂଯୋଗ ଏବଂ ନିରନ୍ତର ସରକାରୀ ସହଯୋଗ ଆବଶ୍ୟକ। ପୂର୍ବ ସରକାରଙ୍କ ସମୟରେ ମଧ୍ୟ ମହିଳା ସଶକ୍ତିକରଣ ଓ ସ୍ୱାବଲମ୍ବନ ନାମରେ ଅନେକ ଯୋଜନା ଚାଲିଥିଲା, ଏବେର ସରକାର ମଧ୍ୟ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାର ପ୍ରତିଶ୍ରୁତି ଦେଉଛନ୍ତି; କିନ୍ତୁ ଯଦି ଯୋଜନାର ଲାଭ ମହିଳାଙ୍କ ଜୀବନରେ ସ୍ଥାୟୀ ଆୟ, ନିଜସ୍ୱ ବ୍ୟବସାୟ ଓ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାରେ ପରିଣତ ନହୁଏ, ତେବେ ପୂର୍ବ ସରକାର ଭଳି ବର୍ତ୍ତମାନ ସରକାର ମଧ୍ୟ ମହିଳାଙ୍କୁ ପ୍ରକୃତ ଅର୍ଥରେ ଆତ୍ମନିର୍ଭର କରିବାରେ ବିଫଳ ହେବ କି ?ଏହି ପ୍ରଶ୍ନ ଏବେ ଗୁରୁତ୍ୱ ପାଇଛି। ତେଣୁ ସରକାରୀ ରିପୋର୍ଟରେ କେତେ ଜଣଙ୍କୁ 'ଲକ୍ଷପତି' କୁହାଗଲା ତାହା ଠାରୁ ବଡ଼ ପ୍ରଶ୍ନ ହେଉଛି, ସେହି ମହିଳାଙ୍କ ବାର୍ଷିକ ଆୟ ପ୍ରକୃତରେ କେତେ, ଆୟ କେତେ ଦିନ ଧରି ସ୍ଥାୟୀ ରହୁଛି, ବ୍ୟବସାୟ ଚାଲୁଛି କି ନାହିଁ, ଉତ୍ପାଦ ବିକ୍ରି ପାଇଁ ବଜାର ମିଳୁଛି କି ନାହିଁ ଏବଂ ସରକାରୀ ସହାୟତା ପାଇବା ପରେ ମହିଳାଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ କେତେ ଆସିଛି। ଏସବୁର ସ୍ୱଚ୍ଛ ଓ ସାର୍ବଜନୀନ ତଥ୍ୟ ସାମ୍ନାକୁ ଆସିଲେ ହିଁ 'ଲକ୍ଷପତି ଦିଦି' ଯୋଜନାର ସଫଳତା କାଗଜରେ ନା ବାସ୍ତବରେ—ତାହାର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

୨୭ ଲିଟର ଦେଶୀମଦ ଜବତ, ଜଣେ ଗିରଫ

ଖପ୍ରାଖୋଲ,(ପ୍ରତିଶବ୍ଦ) : ଖପ୍ରାଖୋଲ ଥାନା ଅଞ୍ଚଳର ନାନ୍ଦୁପଲା ଗ୍ରାମ ନିକଟରେ ଅବୈଧ ଭାବେ ଦେଶୀ ମଦ ବିକ୍ରି ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ୨୭ ଲିଟର ଦେଶୀ (ଆଇଡି) ମଦ ଜବତ କରିଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନଂ-୧୬୩/୨୦୨୬ ଓଡ଼ିଶା ଅବକାରୀ ଆଇନ ୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧ଟା ସମୟରେ ଖପ୍ରାଖୋଲ ଥାନାର ଏଏସ୍‌ଆଇ ରବୀନ୍ଦ୍ର କୁମ୍ଭାର ପୁଲିସ କର୍ମଚାରୀଙ୍କ ସହ ପେଟ୍ରୋଲିଂ ଡ୍ୟୁଟିରେ ଥିବା ବେଳେ ନାନ୍ଦୁପଲା ଗ୍ରାମ ନିକଟ ରାସ୍ତା କଡ଼ରେ ଜଣେ ଯୁବକ ଅବୈଧ ଭାବେ ଦେଶୀ ମଦ ବିକ୍ରି କରୁଥିବା ଦେଖିଥିଲେ। ଯାଞ୍ଚ ବେଳେ ନାନ୍ଦୁପଲା ଗ୍ରାମର ସରୋଜ ଭୋଇ (୨୫)ଙ୍କ ନିକଟରୁ ଦୁଇଟି ୧୫ ଲିଟର କ୍ଷମତା ବିଶିଷ୍ଟ ଧଳା ପ୍ଲାଷ୍ଟିକ ଜାର ଜବତ କରାଯାଇଥିଲା। ସେଥିରୁ ଗୋଟିଏ ଜାରରେ ପ୍ରାୟ ୧୫ ଲିଟର ଏବଂ ଅନ୍ୟଟିରେ ପ୍ରାୟ ୧୨ ଲିଟର, ମୋଟ ୨୭ ଲିଟର ଦେଶୀ ମଦ ଥିବା ଜଣାପଡ଼ିଥିଲା। ଏହାସହ ଗୋଟିଏ ଷ୍ଟିଲ୍ ଖୁରି, ଗୋଟିଏ ଫାଇବର ଗ୍ଲାସ୍ ଏବଂ ୪୭୦ ଟଙ୍କା ନଗଦ ଜବତ କରାଯାଇଛି। ପରେ ଅଭିଯୁକ୍ତ ସରୋଜ ଭୋଇଙ୍କୁ ଥାନାକୁ ଆଣି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ମାମଲାର ତଦନ୍ତ ଅଧିକାରୀ ଭାବେ ଏଏସ୍‌ଆଇ ନବୀନ କୁମାର ଭୋଇ ଦାୟିତ୍ୱ ନେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

ସାଇକେଲରେ ହରିଶଙ୍କର ଯାଉଥିଲେ, ରାସ୍ତାରେ ଚାଲିଗଲା ଜୀବନ

ଖପ୍ରାଖୋଲ,(ପ୍ରତିଶବ୍ଦ) : ଜଣେ ବୃଦ୍ଧଙ୍କ ପାଇଁ ସୋମବାର ସକାଳଟି ହୋଇଗଲା ଜୀବନର ଶେଷ ସକାଳ। ହରିଶଙ୍କର ଦର୍ଶନ ପାଇଁ ସାଇକେଲରେ ବାହାରିଥିବା ବେଳେ ରାସ୍ତାରେ ତାଙ୍କୁ ମୃତ୍ୟୁ ଅପେକ୍ଷା କରିଥିଲା। ଖପ୍ରାଖୋଲ ଥାନା ଅନ୍ତର୍ଗତ ହରିଶଙ୍କର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟା ସମୟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ବୁଡେନ ଥାନା ଅନ୍ତର୍ଗତ ଲୁହାଖେନ ଗ୍ରାମର ରୁଦ୍ରମଣି ବରିହା (୬୬)। ସୂଚନା ଅନୁଯାୟୀ, ରୁଦ୍ରମଣି ସାଇକେଲ ଯୋଗେ ହରିଶଙ୍କର ଅଭିମୁଖେ ଯାଉଥିବା ସମୟରେ କୁଆବାଉଁଶ ଗ୍ରାମର ରାଜେନ୍ଦ୍ର ବରିହା ଏକ ବାଇକ୍ ?ରେ ଆସୁଥିବା ବେଳେ ହରିଶଙ୍କର ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ରୁଦ୍ରମଣି ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ରୁଦ୍ରମଣିଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ଅଞ୍ଜନ ତ୍ରିପାଠୀ ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବାଇକ୍ ଚାଳକ ରାଜେନ୍ଦ୍ର ବରିହା ମଧ୍ୟ ଦୁର୍ଘଟଣାରେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଖପ୍ରାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହରିଶଙ୍କର ଦର୍ଶନ ପାଇଁ ଘରୁ ବାହାରିଥିବା ରୁଦ୍ରମଣି ଆଉ ଘରକୁ ଫେରି ନପାରିବା ଘଟଣା ପରିବାର ଓ ପରିଚିତଙ୍କ ମଧ୍ୟରେ ଗଭୀର ଦୁଃଖ ସୃଷ୍ଟି କରିଛି।

ବିଶ୍ୱ ଆଦିବାସୀ ଦିବସ ପାଳନ

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର

ରାଇଘର,(ପ୍ରତିଶବ୍ଦ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଜନଜାତି ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୋଷାକ ରେ ସଜ୍ଜିତ ହୋଇ ହଜାର ହଜାର ଲୋକ ମା ମାଉଳି ମନ୍ଦିର ରୁ ବିରାଟ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପହଞ୍ଚି ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ଙ୍କୁ ପ୍ରଦାନ କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଆଦିବାସୀଙ୍କୁ ଅଣଦେଖା କରାଯିବା ସହ ସାମ୍ବିଧାନିକ ଅଧିକାର ପାଇବାରେ ଆମେ ବଞ୍ଚିତ ତେଣୁ ଆମେ ୧୪ ଦଫା ଦାବି ପ୍ରଦାନ କରିଥିଲେ। ଅଗଷ୍ଟ ୯ ତାରିଖ କୁ ଜାତୀୟ ବିଶ୍ୱ ଆଦିବାସୀ ଦିବସ କୁ ଜାତୀୟ ଛୁଟି ଦିବସ ବାହାର ନିଯୁକ୍ତି ବନ୍ଦ କରାଯାଇ ଜିଲ୍ଲା ଭିତ୍ତିକ ନିଯୁକ୍ତି । ନକଲି ଆଦିବାସୀ ଚିହ୍ନଟ କରବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଆଦି ଅନ୍ୟତମ।ଦାବି ପତ୍ର ପ୍ରଦାନ ବେଳେ ସୁବର୍ଣ୍ଣ ଗଣ୍ଡ, ଲଛ ମନ୍ ନାୟକ ଙ୍କ ସମେତ ବହୁ ଜନଜାତି ବିକାଶ ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ କନ୍ଧସମାଜ ବୁଡୁକା ପ୍ରଗଣା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ

ବଙ୍ଗୋମୁଣ୍ଡା,(ପ୍ରତିଶବ୍ଦ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ମୁରିବାହାଲ ବ୍ଲକ ପତ୍ରାପାଲି (କ) ପଞ୍ଚାୟତ ଦେବଙ୍ଗ ଗାଁରେ ଉତ୍କଳ କନ୍ଧ ସମାଜ ବୁଡୁକା ପ୍ରଗଣା ବଙ୍ଗୋମୁଣ୍ଡା ର ଶାନ୍ତି କମିଟି ଏବଂ ଦେବଙ୍ଗ ଗ୍ରାମବାସୀ ଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ମହାଆଡମ୍ବର ପାଳନ କରାଯାଇଛି। ପ୍ରଥମେ ଗ୍ରାମ୍ୟ ଇଷ୍ଟଦେବି ଙ୍କୁ ଗାଁର ଝାଙ୍କରଙ୍କ ଦ୍ୱାରା ପୂଜାର୍ଚ୍ଚନା କରି କନ୍ଧ ସମାଜ ର ପାରମ୍ପରିକ ଢକା ବାଦ୍ୟ ସହ ନଗର ପରିକ୍ରମା କରାଯାଇଥିଲା। ପରେ ପରେ ବଜାର ପ୍ରାଙ୍ଗଣ ସଭା ସ୍ଥଳ କୁ ଉତ୍ସବ ମୁଖରିତ ବହୁ ସଂଖ୍ୟାରେ ପୁରୁଷ ମହିଳା ଉପସ୍ଥିତ ରହି ବିଶ୍ୱ ଆଦିବାସୀ ଦିବସ ପାଳନ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ କନ୍ଧ ସମାଜ କେନ୍ଦ୍ର କମିଟି ସଭାପତି ଚିନ୍ତାମଣି ଭୋଇ, ମୁଖ୍ୟବକ୍ତା ଭାବେ ଯୁବରାଜ ମାଝୀ, ସମ୍ମାନୀୟ ଅତିଥି ଭାବେ କେନ୍ଦ୍ର କମିଟି ସମ୍ପାଦକ ପ୍ରଦୀପ ମାଝୀ ଙ୍କ ସହ ବଲାଙ୍ଗୀର ଜିଲ୍ଲା ର ବିଭିନ୍ନ ପ୍ରଗଣା ର ସଭାପତି ତଥା କର୍ମକର୍ତ୍ତା ଏବଂ ବୁଡୁକା ପ୍ରଗଣା ବଙ୍ଗୋମୁଣ୍ଡା ର ଶାନ୍ତି କମିଟି ସଭ୍ୟ ଏବଂ ଗ୍ରାମ୍ୟ ସଭାପତି ମାନେ ଉପସ୍ଥିତ ଥିଲେ। ଶାନ୍ତି କମିଟି ର ଆବାହକ ନକୁଳ ମାଝୀ ଙ୍କ ଆହ୍ୱାନ ଏବଂ ଦେବଙ୍ଗ ଗ୍ରାମବାସୀ ଙ୍କ ମିଳିତ ସହଯୋଗ ରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ଉକ୍ତ ସଭା କୁ ନେତ୍ରମଣୀ ଭୋଇ ପରିଚାଳନା କରିଥିବା ବେଳେ ଈଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରଦୀପ ଭୋଇ, ବସନ୍ତ ଭୋଇ, ଦେବକାନ୍ତ ମାଝୀ, ସାମନ୍ତ ଭୋଇ, ସଞ୍ଜୟ ଭୋଇ, ଜ୍ୟୋତିର୍ମୟ ଭୋଇ, ଗୁପ୍ତେଶ୍ୱର ଭୋଇ, ସୁଧାଂଶୁ ଭୋଇ, ଜନ୍ମେଜୟ ଭୋଇ, ରୋମାନ୍ ଭୋଇ, ଧନଞ୍ଜୟ ଭୋଇ, ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଙ୍କ ସମେତ କନ୍ଧ ପରିବାର ମାନେ ସହଯୋଗ କରିଥିଲେ।

ନିଶା କାରବାର ବିରୋଧରେ ନାଗରିକ ମଞ୍ଚର ଆଲୋଚନାସଭା

ବରଗଡ଼,(ପ୍ରତିଶବ୍ଦ) : ବରଗଡ଼ ସହର ଓ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନ-ଶୃଙ୍ଖଳା ପରିସ୍ଥିତି, ନାଗରିକ ମଞ୍ଚ ସଭାପତି ଭୀଷ୍ମଦେବ ସରାଫଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଏବଂ ବୃଦ୍ଧି ପାଉଥିବା ନିଶା କାରବାରକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଏହି ସମସ୍ତ ପ୍ରସଙ୍ଗକୁ ନେଇ ଆସନ୍ତା ରବିବାର ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଏକ ସାଧାରଣ ଆଲୋଚନା ସଭା ଆୟୋଜନ କରାଯାଇଛି। ଏହି ସଭାରେ ବରଗଡ଼ର ବର୍ତ୍ତମାନ ଆଇନ-ଶୃଙ୍ଖଳା ପରିସ୍ଥିତି, ନିଶା ଓ ଅପରାଧିକ କାର୍ଯ୍ୟକଳାପର ବୃଦ୍ଧି ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଏହି ସମସ୍ୟାଗୁଡ଼ିକର ପ୍ରତିବାଦ ଓ ସମାଧାନ ପାଇଁ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ । ନାଗରିକ ମଞ୍ଚ ପକ୍ଷରୁ ବରଗଡ଼ବାସୀଙ୍କୁ ଏହି ସଭାରେ ଯୋଗଦେଇ ନିଜ ମତାମତ ରଖିବା ଓ ସହରର ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଏକତ୍ରିତ ହେବାକୁ ଆହ୍ୱାନ କରାଯାଇଛି । ଏଥିରେ ବରଗଡ଼ ମହିଳା ସମିତି, ସମଲେଶ୍ୱରୀ ସଂଘ, କୋଶଳ ସେନା, ଅଟୋ ରିକ୍ସା ସଂଘ, ବସ ମାଲିକ ସଂଘ, ପୂର୍ବତନ ସୈନିକ ସଂଘ, ବ୍ୟବସାୟୀକ ସଂଘ, ସଂକଳ୍ପ ପରିବାର, ଆମ୍ବେଦକର ଯୁବକ ସଂଘ, ନିଷ୍ଠା ପରିବାର ଓ ଅନ୍ୟାନ ସଂଗଠନ ଉପସ୍ଥିତ ଥିଲେ । ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ କାର୍ଯ୍ୟକ୍ରମର ସଂଚାଳନ କରିଥିବା ବେଳେ ଆଇନଜୀବୀ ହରିହର ପ୍ରଧାନ, ମହେଶ ଅଗ୍ରୱାଲ, ରାଜକୁମାର ବିଶି, ପ୍ରିତମ ସିଂ, ବାସୁଦେବ ଦାଶ, ଶେଖ ନଜ୍ଜୁ, କବି ମହାରଣା, ମନ୍ଦାକିନୀ ପତି, ସୂର୍ଯ୍ୟ ପ୍ରକାଶ ଦାଶ, ମାନସ ଚାନ୍ଦ, ବିରବଲ ମହାକୁଡ଼, ରିନୁ ପତି, ବୈଜୟନ୍ତି ପଣ୍ଡା, ମିଲିପମା ବେହେରା, ଅନୁପ ଶତପଥି, ସଚ୍ଚି ପଣ୍ଡା, ଶୟନ ପଣ୍ଡା ଓ ଅନ୍ୟମାନେ ମତାମତ ରଖିଥିଲେ ।

ଶ୍ରାବଣର ଦ୍ୱିତୀୟ ସୋମବାର

■ ଐତିହାସିକ ୬୪ଯୋଗିନୀ ପୀଠ ରାଣୀପୁର ଝରିଆଲ ଚଳଚଞ୍ଚଳ
■ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ବଙ୍ଗୋମୁଣ୍ଡା,(ପ୍ରତିଶବ୍ଦ) : ଶ୍ରାବଣ ମାସ ର ଦ୍ୱିତୀୟ ସୋମବାର ରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ର ଉପାନ୍ତ ଇଲାକାରେ ଥିବା ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ରେ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁ ମାନେ ସୋମେଶ୍ୱର ମହାଦେବ ଙ୍କୁ ଦର୍ଶନ କରି ଜଳଲାଗି କରିଥିଲେ । ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ କମିଟି ତରଫରୁ ସମସ୍ତ ଭକ୍ତଙ୍କ ବିଶେଷ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ କମିଟି, ସ୍ଥାନୀୟ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ଅଞ୍ଚଳର ବିଭିନ୍ନ ସଂଗଠକ ଓ ସଂଗଠନର ସମାଜକର୍ମୀ ମାନେ ସହଯୋଗ କରିଥିଲେ। ଆଜି ଭୋର ରୁ ମନ୍ଦିର ଖୋଲାଯିବା ପରେ ବାବା ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହା ପରେ ଭକ୍ତମାନେ ଲାଇନ ରେ ରହି ବାବାଙ୍କ ଦର୍ଶନ ଦେଇଥିଲେ। ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନିଲ କୁମାର ତ୍ରିପାଠୀ, ସମ୍ପାଦକ କ୍ଷୀରସିନ୍ଧୁ ଭୋଇ, ମଞ୍ଜେସ ମେହେର, ପରମାନନ୍ଦ ଭୋଇ, ପ୍ରହଲ୍ଲାଦ ସାହୁ, ମନ୍ଦିର ପୂଜକ ଜଗମୋହନ ତ୍ରିପାଠୀ, ଗୋପୀନାଥ ସାହୁ ପ୍ରମୁଖ ସ୍ଥିତି ସମୀକ୍ଷା କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ମୁଖ୍ୟ ପୂଜକ ଜଗମୋହନ ତ୍ରିପାଠୀ, ମେଘନାଦ ତ୍ରିପାଠୀ, ଆୟୁଷ ଷଡଙ୍ଗୀ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।

କିସ୍ ବିଦ୍ୟାଳୟରେ 'ବିଶ୍ୱ ଆଦିବାସୀ ଦିବସ'

କଳାହାଣ୍ଡି,(ପ୍ରତିଶବ୍ଦ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବାଦଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ' ବିଶ୍ୱ ଅଦିବାସୀ ଦିବସ ' ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଉକ୍ତ ଦିବସର ମୁଖ୍ୟ ଅତିଥି ଆରଡିସିର ସହକାରୀ କମିଶନର ଶ୍ରୀଯକ୍ତ ପୀତାମ୍ବର ଭୋଇ, ସମ୍ମାନୀତ ଅତିଥି ସମ୍ବାଦ ଖବର କାଗଜର ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ଦେବେନ୍ଦ୍ର ବିଶି, କିସ୍ ବିଦ୍ୟାଳୟର ଉପ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା ପଣ୍ଡା, ବ୍ଲକରୁ ଆସିଥିବା ମୂଳ ଅଭିଭାବକ ପଦ୍ମ ଲୋଚନ ମାଝୀ, ଡମ୍ବରୁଧର ନାଏକ, ପୀତାମ୍ବର ଶବର, ରୁକୁରାମ ଶବର, ବନମାଳୀ ଭୋଇ ସମେତ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ଗଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିଛବିରେ ପୂଜାର୍ଚ୍ଚନା ସହ ପ୍ରଭୁ ବିର୍ସା ମୁଣ୍ଡା, ସହିଦ୍ ରେଣ୍ଡୋ ମାଝୀଙ୍କ ପ୍ରତି ଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ ଆରମ୍ଭ କରାଯାଇଥିଲା। ଅତିଥି ମାନଙ୍କୁ କିସ୍ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଭୋଇ ଆଦିବାସୀଙ୍କ ବଞ୍ଚିବା ସ୍ୱୈଳି ଜଳ, ଜଙ୍ଗଲ, ଜମି କୁ କେମିତି ବଞ୍ଚେଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଛାତ୍ରୀ ମନଙ୍କୁ ସୁନ୍ଦର ଭାବରେ ବୁଝେଇବା ସହ ଆଦିବାସୀ ଅଞ୍ଚଳର ବଣ ମଲ୍ଲୀ ମାନଙ୍କୁ ଆଣି ଶିକ୍ଷା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଥିବାରୁ କିସ୍ କିଟ୍ ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଭୂୟସି ପ୍ରଶଂଶା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହି ପରି ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦେବେନ୍ଦ୍ର ବିଶି ଛାତ୍ରୀ ମାନଙ୍କୁ କଳାହାଣ୍ଡିରେ ଥିବା ନିୟମଗିରି ପାହାଡ଼ ଘେରାରେ ରହୁଥିବା ଆଦିବାସୀଙ୍କ ଜୀବନୀ ସ୍ୱୈଳି ଉପରେ ବକ୍ତବ୍ୟ ରଖିଥିଲେ। ପରେ କିସ୍ ଛାତ୍ରୀ ମନଙ୍କ ଆଦିବାସି ନୃତ୍ୟ, ଓ ଆଦିବାସି ବେଶାପୋଷକରେ ' ରେମ୍ ସୋ ' ପରିବେଷଣ ମଞ୍ଚାସିନ ଅତିଥି ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ କିସ୍ ବିଦ୍ୟାଳର ଉପ ପର୍ଯ୍ୟବେକ୍ଷକ ବିଶିକେଶନ କର ସୁଚାରୁ ଭାବରେ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଶରେ କିସ୍ ର କାର୍ଯ୍ୟ ନିର୍ବାହୀ ପ୍ରଶିକ୍ଷକ ସିଦ୍ଧାନ୍ତ ମାଝୀ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରଯାଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati